Odia Daily

www.theutkalsamachar.com

ଉତ୍କଳ ସମାଚାର

ଟୀକିପୁରିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:295✦22 February 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୯୫✦୨୨ ଫେବୃଆରୀ ୨୦୨୬ (ରବିବାର) ✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୫ ରାଜ୍ୟରେ ନିର୍ବାଚନ ପାଇଁ ପ୍ରସ୍ତୁତି :
ନିର୍ବାଚନ କମିସନର ଅଧିକାରୀ କେରଳରୁ ପଶ୍ଚିମବଙ୍ଗ ଗସ୍ତ କରିବା କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୧/୨ : କେରଳ, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗ ଓ ଆସାମ ଆଦି ୫ ରାଜ୍ୟରେ ବିଧାନସଭା ନିର୍ବାଚନ କରିବା ପାଇଁ ନିର୍ବାଚନ କମିସନ ପ୍ରସ୍ତୁତ ହୋଇଛନ୍ତି। ୫ଟି ରାଜ୍ୟ ପାଇଁ ନିର୍ବାଚନ ବିଜ୍ଞପ୍ତି ଦିଆଯିବ। ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିସନର ଏକ ଦଳ ନିର୍ବାଚନ ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ପାଇଁ ଫେବୃଆରି ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ଓ ପୁଡୁଚେରୀ ଗସ୍ତ କରିବେ। ଏହି ସମୟ ମଧ୍ୟରେ ନିର୍ବାଚନ ପ୍ରସ୍ତୁତି ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ। ତାମିଲନାଡୁ ଓ ପୁଡୁଚେରୀ ବ୍ୟତୀତ, ଏପ୍ରିଲ-ମେ ମାସରେ ଆସାମ, କେରଳ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ପ୍ରସ୍ତୁତିର ମୂଲ୍ୟାଙ୍କନ କରିବା ପାଇଁ ନିର୍ବାଚନ କମିସନର ଶୀର୍ଷ ଅଧିକାରୀମାନେ ଏହି ସପ୍ତାହରେ ଆସାମ ଗସ୍ତ କରିଛନ୍ତି। ଜ୍ଞାନେଶ କୁମାର ଗୌହାଟୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ନିର୍ବାଚନ କମିସନ ୧୪ ଏପ୍ରିଲରେ ପଡୁଥିବା ବିହୁ ପର୍ବକୁ ଧ୍ୟାନରେ ରଖି ଉତ୍ତର-ପୂର୍ବ ରାଜ୍ୟ ପାଇଁ ନିର୍ବାଚନ କାର୍ଯ୍ୟସୂଚୀ ବୃଦ୍ଧାନ୍ତ କରିବେ। ନିର୍ବାଚନ କମିସନଙ୍କ ଦଳ ଫେବୃଆରି ୨୨ ଏବଂ ୨୩ ତାରିଖରେ ବୁଥ ବିନ୍ଦ ପାଇଁ କେରଳରେ ରହିବେ। ରାଜ୍ୟ ନିର୍ବାଚନ କମିସନ ସଚିବମାନେ ଯୋଗଦେବା ପାଇଁ ନିର୍ବାଚନ କମିସନଙ୍କର ଦଳ ୨୪ ତାରିଖରେ ଦିଲ୍ଲୀ ଫେରିବେ। ଏହାପରେ ଫେବୃଆରି ୨୫ ତାରିଖରେ କମିସନର ପୁଡୁଚେରୀ ଓ ତାମିଲନାଡୁ ଯିବେ। କମିଶନ ୨୫ ଫେବୃଆରିରେ ପୁଡୁଚେରୀରେ ରହିବେ। ନିର୍ବାଚନ ପ୍ରସ୍ତୁତି ପାଇଁ ନିର୍ବାଚନ କମିସନଙ୍କ ଦଳ ୨୬ ଓ ୨୭ ଫେବୃଆରିରେ ତାମିଲନାଡୁରେ ରହିବେ। ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରେ ପଶ୍ଚିମବଙ୍ଗ ଯିବେ। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ପୂର୍ବରୁ ନିର୍ବାଚନ କମିସନ ନିର୍ବାଚନ ହେଉଥିବା ରାଜ୍ୟଗୁଡ଼ିକୁ ଗସ୍ତ କରିବା ସାଧାରଣ କଥା। ଏହି ୫ଟି ରାଜ୍ୟର ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ମେ ଏବଂ ଜୁନ୍ ମାସରେ ଭିନ୍ନ ଭିନ୍ନ ତାରିଖରେ ଶେଷ ହେବ। ପୁଡୁଚେରୀ ବିଧାନସଭାର ୫ ବର୍ଷର କାର୍ଯ୍ୟକାଳ ଜୁନ୍ ୧୫ ରେ ଶେଷ ହେଉଥିବାବେଳେ ଆସାମ, କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ମେ ୭,୧୦, ୨୦ ଓ ୨୩ ରେ ଶେଷ ହେଉଛି। ଗତ ଥର, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୩୦ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ସାହା ଏପର୍ଯ୍ୟନ୍ତ ସର୍ବାଧିକ ପର୍ଯ୍ୟାୟ ଥିଲା। ଆସାମରେ ଦୁଇଟି ପର୍ଯ୍ୟାୟ ଥିଲା, ଏବଂ ତାମିଲନାଡୁ, କେରଳ ତଥା ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ହୋଇଥିଲା। ନିର୍ବାଚନ ହେବାକୁ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ, ପୁଡୁଚେରୀ ଭୋଟର ତାଲିକା ଏସ୍‌ଆଇଆର ଫେବୃଆରି ୧୪ ପ୍ରକାଶ କରି ଥିଲା। ପଶ୍ଚିମବଙ୍ଗର ଚୂଡ଼ାନ୍ତ ଭୋଟର ତାଲିକା ଫେବୃଆରି ୨୮ ରେ ପ୍ରକାଶିତ ହେବ। ଆସାମରେ ଚୂଡ଼ାନ୍ତ ତାଲିକା ଫେବୃଆରି ୧୦ରେ ପ୍ରକାଶିତ ହୋଇଥିଲା।

ବଢିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅବଧି

ଭୁବନେଶ୍ୱର, ୨୧/୨(ନି/ପ୍ର): ପୁଣି ବଢିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅବଧି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫- ୨୬' ଅଧୀନରେ ସମସ୍ତ ପୁରସ୍କାର ପାଇଁ ଆବେଦନ ସମୟସୀମା ୨୮ ଫେବୃଆରୀ ୨୦୨୬ ଯାଏଁ ବୃଦ୍ଧି ହୋଇଛି। ଯୋଗ୍ୟ ଆବେଦନକାରୀ msp.odisha.gov.in website କୁ ଯାଇ ଆବେଦନ କରିପାରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ପାଇଁ ଆବେଦନରେ ଲୋହେଜ କରାଯାଇଛି। ପୂର୍ବ କାର୍ଯ୍ୟଦିନ ଜିଲ୍ଲା ଓ ବ୍ଲକରେ ୨୦୨୪ ମାର୍ଚ୍ଚ ୩୧ ଭିତରେ ଯୋଗ ଦେଇଥିଲେ ଆବେଦନ କରିପାରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମା ପୂର୍ବରୁ ଫେବୃଆରୀ ୫ ତାରିଖ ଯାଏଁ ବଢ଼ାଯାଇଥିଲା। ପରେ ଆସନ୍ତା ୧୮ ତାରିଖକୁ ପୁନଃ ବୃଦ୍ଧି କରାଯାଇଥିଲା। ଏବେ ସମୟସୀମା ଫେବୃଆରୀ ୨୮ ଯାଏଁ ବୃଦ୍ଧି କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଟଂଚିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ପୁରସ୍କାର, ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲ୍ଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଓ୍ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଛି।

ଭୁବନେଶ୍ୱରରେ ଖୋଲିବ 'ଭିଏଫଏସ୍ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧/୨ : ଆସନ୍ତା ୧ ଏପ୍ରିଲ ୨୦୨୬ ଅର୍ଥାତ୍, 'ଓଡ଼ିଶା ଦିବସ' ଅବସରରେ ଭୁବନେଶ୍ୱରରେ ଏକ 'ଭିଏଫଏସ୍ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଭିଏଫଏସ ଗ୍ଲୋବାଲ ଗ୍ରୁପର ପ୍ରତିଷ୍ଠାତା ତଥା ସିଇଓ କୁଟିନ କର୍ଜାରିଆ ସୂଚିତ କରିଛନ୍ତି। ଓଡ଼ିଶାରୁ ବିଦେଶକୁ ଉଚ୍ଚଶିକ୍ଷା ଓ ବ୍ୟବସାୟ ପାଇଁ ଯାଉଥିବା ଯୁବବର୍ଗଙ୍କ ସୁବିଧା ପାଇଁ ଶ୍ରୀ ପ୍ରଧାନ ଗତବର୍ଷ ଅର୍ଥାତ୍ ସେପଟେମ୍ବର ୨,୨୦୨୫ରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଏକ ସ୍ଥାନୀୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ । ଏଥିସହିତ ସେ ଭିଏଫଏସର ଗ୍ଲୋବାଲ ସିଇଓ କୁଟିନ କର୍ଜାରିଆଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

ଭାରତ-ବ୍ରାଜିଲ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ,୨୧/୨ : ଆମେରିକା ପରେ ଭାରତ ଏବଂ ବ୍ରାଜିଲ ମଧ୍ୟରେ ଏକ ବାଣିଜ୍ୟ ବୃଦ୍ଧି ହୋଇଛି । ଶନିବାର ଦିଲ୍ଲୀରେ ଦୁଇ ଦେଶ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ସମୟରେ, ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଗତ ବର୍ଷ, ୨୦୨୫ ରେ, ଭାରତ ଏବଂ ବ୍ରାଜିଲ ମଧ୍ୟରେ ବାଣିଜ୍ୟ ୧୫.୨୧ ବିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ୨୫ଧ୍ୟ ରୁ ଅଧିକ ବୃଦ୍ଧି ପାଇଥିଲା । ଭାରତର ରପ୍ତାନି ପରିମାଣ ୮.୩୫ ବିଲିୟନ ଡଲାର ଏବଂ ବ୍ରାଜିଲରୁ ଆମଦାନି ପରିମାଣ ୬.୮୫ ବିଲିୟନ ଡଲାର ଥିଲା । ଏହା ବ୍ୟତୀତ, ବ୍ରାଜିଲରେ ଭାରତୀୟ ନିବେଶ ୧୫ ବିଲିୟନ ଡଲାର ଅତିକ୍ରମ କରିଛି ।

ବାଲ୍ୟ ବିବାହ ହାରରେ ଦେଶକୁ ପଛରେ ପକାଇଛନ୍ତି ଓଡ଼ିଶାର ୧୨ ଜିଲ୍ଲା

୫ଟି କାରଣ କହିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୨(ନି/ପ୍ର): ଓଡ଼ିଶାକୁ ଚିନ୍ତା ବାଲ୍ୟ ବିବାହ। ବାଲ୍ୟ ବିବାହ ହାରରେ ଦେଶକୁ ପଛରେ ପକାଇଛି ରାଜ୍ୟର ୧୨ ଜିଲ୍ଲା। ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାର ହାର ୨୦.୫% ରହିଛି। ବିଧାୟକ ଅମର ନାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଧାନସଭାରେ ଉତ୍ତର ଦେଇଛନ୍ତି। ନବରଙ୍ଗପୁରରେ ବାଲ୍ୟ ବିବାହ ହାର ୩୯.୪%, ନୟାଗଡରେ ୩୫.୭%, କୋରାପୁଟରେ ୩୫.୫%, ରାୟଗଡାରେ ୩୩.୨%, ମାଲକାନଗିରିରେ ୩୨.୪%, ମୟୂରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧%, ବାଲେଶ୍ୱରରେ ୨୬.୪%, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟ ବିବାହ ରେକର୍ଡ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ବାଲ୍ୟ ବିବାହର ୫ଟି ପ୍ରମୁଖ କାରଣ କହିଛନ୍ତି। ସେଗୁଡ଼ିକ ହେଲା... ସମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗଭିତିକ ବିଷମତା, ଦାରିଦ୍ୟ, ସାମାଜିକ ଅସୁରକ୍ଷା ,କିଶୋରୀମାନଙ୍କ ଶିକ୍ଷାର ଅଭାବ। ସୂଚନା ଆଉଛି, ୨୦୩୦ ସୁଦ୍ଧା ଓଡ଼ିଶା ହେବ ବାଲ୍ୟ ବିବାହ ମୁକ୍ତ ରାଜ୍ୟ। ଓଡ଼ିଶାକୁ ବାଲ୍ୟ ବିବାହ ମୁକ୍ତ କରିବା ଲକ୍ଷ୍ୟ ନେଇ ସରକାର ସମସ୍ତ ଜିଲ୍ଲାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବାଲ୍ୟ ବିବାହ ମୁକ୍ତ ଦୌଡ଼ରେ ସାମିଲ ହୋଇଛି ଦେବଗଡ଼ ଜିଲ୍ଲା । ପୂର୍ବରୁ ରାଜ୍ୟରେ ଗଞ୍ଜାମ ଓ ଗଜପତି ବାଲ୍ୟ ବିବାହ ମୁକ୍ତ ଘୋଷିତ ହୋଇଥିବାବେଳେ ଦେବଗଡ଼ ତୃତୀୟ ଜିଲ୍ଲା ଭାବେ ଏ ମାନ୍ୟତା ପାଇବାକୁ ଯାଉଛି। ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ-୨୦୧୪ରେ ପ୍ରଥମ ପର୍ଯ୍ୟାୟରେ ଦେବଗଡ଼ ଜିଲ୍ଲାରେ ବାଲ୍ୟ ବିବାହ ହାର ୨୩% ଥିବାବେଳେ ୨୦୧୯ରେ ୧୯%କୁ ଖସିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ଟାସ୍କଫୋର୍ସ ବୈଠକ ସମୀକ୍ଷା ପରେ ଜିଲ୍ଲାଜଜଙ୍କ ଅନୁମୋଦନ କ୍ରମେ ଦେବଗଡ଼ ଜିଲ୍ଲାର ୩୬୪ ଗ୍ରାମ ଓ ପୌରାଂଚଳର ୧୧ଟି ୱାର୍ଡରେ 'ବାଲ୍ୟ ବିବାହ ମୁକ୍ତ' ଘୋଷିତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ବାରଗୋଟ କୁଳର ୧୪୦ ଗ୍ରାମ, ରିଆମାଳ କୁଳର ୧୧୬ ଗ୍ରାମ, ଡିଜେଲବଣୀର ୧୦୮ ଗ୍ରାମ ଓ ପୌରାଂଚଳର ୧୧ ୱାର୍ଡକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି।

ମହିଳା ସଶକ୍ତିକରଣକୁ ସ୍ୱତନ୍ତ୍ର ପ୍ରୋତ୍ସାହନ

ଭୁବନେଶ୍ୱର,୨୧/୨(ନି/ପ୍ର): ସୁଭଦ୍ରା ଯୋଜନା ପାଇଁ ସରକାର ବଜେଟରେ ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ମହିଳା ଏବଂ ଶିଶୁ ବିକାଶ ବିଭାଗ ପାଇଁ ବଜେଟରେ ମୋଟ ୧୮,୯୫୭ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ ମମତା ଯୋଜନା ପାଇଁ ୩୨୦ କୋଟି, ଆଇ.ସି.ଡି.ଏସ ଲୁଗେ ରାଜ୍ୟସହାୟତା ପାଇଁ ୧୨୮୦ କୋଟି ଟଙ୍କା, ମାଳବୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ପାଇଁ ୧୧୧ କୋଟିଟଙ୍କା , ପିଏମଏମଭିଓ୍ୱାଇ ପାଇଁ ପାଇଁ ୧୮୦ କୋଟି, ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପାଇଁ ୬୩୫ କୋଟି, ସମନ୍ୱିତ ବାଳକ୍ଷେତ୍ର ସଦନ ପାଇଁ ୬୨ କୋଟି, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ପାଇଁ ୫୫୨ କୋଟି, ଓଡ଼ିଶା ପୁଷ୍ଟି ମିଶନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୧୩୦୩ କୋଟି, ମିଶନ ଶକ୍ତି ପ୍ରୋଗ୍ରାମ ପାଇଁ୨୧୧୫ କୋଟି, ପିଏମ ପୋଷଣ ପାଇଁ ୭୦୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ବନ୍ଧା ହେଲେ କୋଟିପତି ଫରେଷ୍ଟର

ଭବାନୀପାଟଣା,୨୧/୨(ନି/ପ୍ର): ଗିରଫ ହେଲେ କୋଟିପତି ଫରେଷ୍ଟର ଭାରତ ଭୂଷଣ ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଦୁଇ ଅଭିଯୋଗରେ ଜିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଛି। ଶୁକ୍ରବାର କଳାହାଣ୍ଡି ଭବର ବନଖଣ୍ଡ ଅନ୍ତର୍ଗତ ସବର ରେଞ୍ଜର ଭଗାଙ୍ଗପରର ବେଳୁନ ଦାୟିତ୍ୱରେ ଥିବା ଫରେଷ୍ଟର ଭାରତ ଭୂଷଣ ବେହେରାଙ୍କ ଘରେ ଜିଜିଲାନ୍ସ ଚଢ଼ଉ କରିଥିଲା। ରେଡ୍ ବେଳେ ବାଡୁଙ୍କର ୯ଟି ଦାମୀ ପୁଟ୍ ସହ ପ୍ରାୟ ଅଧେ କିଲୋ ସୁନା ମିଳିଥିଲା। ସେହିଭଳି ଫରେଷ୍ଟର ଶ୍ରୀ ବେହେରାଙ୍କ ୯ଟି ଗାଡ଼ି ଠାବ ହୋଇଛି । ସେଥିରେ ୨ଟି କାର, ୪ଟି ଟ୍ରାକ୍ଟର, ଗୋଟିଏ ବାଇକ, ୨ଟି ହାର୍ଭେଷ୍ଟର ମେସିନ ରହିଛି । ତେବେ ଏଥିମଧ୍ୟରୁ ଜେତେକ ଗାଡ଼ି ବେନାମୀ ବୋଲି ଜିଜିଲାନ୍ସ ପକ୍ଷରୁ କୁହାଯାଇଛି । ଫରେଷ୍ଟର ଶ୍ରୀ ବେହେରାଙ୍କ ଘରୁ ୨୧୦ ଗ୍ରାମର ସୁନା ଅଳଙ୍କାର ମଧ୍ୟ ଜବତ କରାଯାଇଛି।

୩ ରାଜ୍ୟରେ ସାମ୍ପ୍ରଦାୟିକ ହିଂସା :

ଶାନ୍ତି ରକ୍ଷା ପାଇଁ ପୁଲିସର ବ୍ୟାପକ କାର୍ଯ୍ୟାନୁଷ୍ଠାନ

ଧରାପଡ଼ିଲେ ୩୦ରୁ ଅଧିକ ଅଭିଯୁକ୍ତ

ନୂଆଦିଲ୍ଲୀ,୨୧/୨ : ଦେଶର ତିନୋଟି ପ୍ରମୁଖ ରାଜ୍ୟରେ ଶିବାଜୀ ଜୟନ୍ତୀ ଓ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ସାମ୍ପ୍ରଦାୟିକ ଉତ୍ତେଜନା ପ୍ରକାଶ ପାଇଛି। କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶରେ ସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସକୁ କଠୋର ପଦକ୍ଷେପ ନେବାକୁ ପଡ଼ିଛି। ସବୁଠାରୁ ଆଶ୍ୱସ୍ତିର ବିଷୟ ହେଉଛି ଯେ ଏହି ସମସ୍ତ ଘଟଣାରେ କୌଣସି ଜୀବନହାନି ଘଟିନାହିଁ। କର୍ଣ୍ଣାଟକର ବାଗଲକୋଟର ପୁରୁଣା ସହରରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ସମୟରେ ଏକ ମସଜିଦ ନିକଟରେ ପଥରମାଡ଼ ହେବାରୁ ସଂଘର୍ଷ ଆରମ୍ଭ ହୋଇଥିଲା । ଏହାପରେ କିଛି ଉତ୍ୟକ୍ତ ଲୋକ ଦୋକାନ ଓ ଗାଡ଼ି ଭଙ୍ଗାଚୂରା କରିଥିଲେ । ଏହାକୁ ନେଇ ତୀବ୍ର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦେଖି ପ୍ରଶାସନ ଦୁଇଜ ୧୪୪ ଧାରା ଲାଗୁ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ୧୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି ଏବଂ ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖାଯାଇଛି। ସେହିଭଳି ହାଇଦ୍ରାବାଦର ପୁରାଣାପୁଲ ଅଞ୍ଚଳରେ ରମଜାନ ପ୍ରାର୍ଥନା ଏବଂ ଶୋଭାଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ମନ୍ଦିର ନିକଟରେ ଲଗାଯାଇଥିବା ବ୍ୟାନର ଚିରାଯିବାକୁ କେନ୍ଦ୍ର କରି ସଂଘର୍ଷ ବଢ଼ିଥିଲା । ହାଇଦ୍ରାବାଦ ପୁଲିସର ଜୁଇଙ୍କ ରେସପନ୍ସ ଟିମ୍ (କ୍ୟୁଆର୍ଟି) ଦୁଇଜ ସହଚି ୧୧ ଜଣଙ୍କୁ ଗିରଫ କରିଛି। ଛକାଫଟା ଜାରି ରହିଥିବାରୁ ବିଭିନ୍ନ ଅଂଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ସ୍ଥାନୀୟ ପୁଲିସ କମିସନରଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ରହିଛି। ସହରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ସୋସିଆଲ ମିଡିଆରେ ଗୁଜବ ପ୍ରସାରଣ କରୁଥିବା ଆକାଉଣ୍ଟଗୁଡ଼ିକୁ ସାଇବର ସେଲ୍ ଦ୍ୱାରା ଟ୍ରାକ୍ କରାଯାଉଛି । ସେହିଭଳି ମଧ୍ୟପ୍ରଦେଶର ଜବଲପୁରର ସିହୋରା ଅଞ୍ଚଳରେ ଏକ ଦୁର୍ଗା ମନ୍ଦିରରେ ଭଙ୍ଗାରୁଜା ହୋଇଥିବା ଅଭିଯୋଗ ପରେ ହିଂସା ଉଗ୍ର ରୂପ ନେଇଥିଲା । ଉତ୍ୟକ୍ତ ଭିଡ଼କୁ ହଟାଇବା ପାଇଁ ପୁଲିସକୁ ଲୁହବୁହା ଗ୍ୟାସ ପ୍ରୟୋଗ କରିବାକୁ ପଡ଼ିଥିଲା । ଏହି ଘଟଣାରେ ପ୍ରାୟ ୧୫ ଜଣ ଦୁର୍ଭୁତଙ୍କୁ ପୋଲିସ ଚିହ୍ନଟ କରି ଗିରଫ କରିଛି। ତିନିଟି ଯାକ ଘଟଣାରେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ ଧରଣର ସାମ୍ପ୍ରଦାୟିକ ଦଙ୍ଗା ଟଳିଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ସମୀକ୍ଷା କରାଯାଉଛି।

ମଣିପୁରରେ ୪ ଉଗ୍ରବାଦୀ ଗିରଫ

ଇମ୍ଫାଲ,୨୧/୨ : ମଣିପୁରରେ ଗତ ୨୪ ଘଣ୍ଟା ମଧ୍ୟରେ ସୁରକ୍ଷା ବାହିନୀ ରାଜ୍ୟର ବିଭିନ୍ନ ସ୍ଥାନରୁ ତାଲିବାନ ଉଗ୍ରବାଦୀଙ୍କୁ ଗିରଫ କରିଛନ୍ତି। ଏହା ସହିତ ଭାରି ପରିମାଣର ଅସ୍ତ୍ର-ଶସ୍ତ୍ର ଓ ଗୋଳା-ବାରୁଦ ମଧ୍ୟ ଜବତ କରାଯାଇଛି। ମଣିପୁର ପୋଲିସ ମୁଖ୍ୟାଳୟର ସୂଚନା ଅନୁଯାୟୀ, ସୁଜୁଗୁ ସୁରକ୍ଷା ବାହିନୀ ବିଭିନ୍ନ ସ୍ଥାନରୁ ଆରପିୟୁସି/ପିଏଲଏଫ ବୁଲେଶ ସମ୍ପୃକ୍ତ ବ୍ୟାଡରଙ୍କୁ ଗିରଫ କରିଛନ୍ତି।

ଇସ୍ରାଏଲ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ :
ଆଟିଂ-ବାଲାଷ୍ଟିକ୍ ମିସାଇଲ ସମେତ ପ୍ରତିରକ୍ଷା କ୍ଷେତ୍ରରେ ଚୁ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ପୋଲିସ ପଞ୍ଜାରେ ସାଇବର ଠକ

କେନ୍ଦୁଝର,୨୧/୨(ନି/ପ୍ର):ଗରିବ ଅଶିକ୍ଷିତ ଲୋକଙ୍କ ନାମ ରେ ସିମ ବ୍ୟବହାର ଓ ବ୍ୟାଙ୍କ ଆକାଉଣ୍ଟ ଖୋଲି କୋଟି କୋଟି ଟଙ୍କା ଠକେଇ କରୁଥିବା ଝାଡ଼ଖଣ୍ଡ ରାଜ୍ୟ ଜାମଡାରା ଗ୍ରାମର ଅଲ୍ଲା ସୁଫେନ, ମହମ୍ମଦ ମନୱାର ଆନସାରୀ, ମହମ୍ମଦ ସଉବାଜ ଆନସାରୀ ସମେତ କେନ୍ଦୁଝର ଶୁଆଳାକାଠି ଅଂଚଳ ର ଅଲେଖ ପାନ୍ତ ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି, କେନ୍ଦୁଝର ଜିଲ୍ଲାର ୩୩ଟି ବ୍ୟାଙ୍କ ରେ ୧୨୦୦ଟି ଆକାଉଣ୍ଟ ଖୋଲି ସାରା ଦେଶର ବିଭିନ୍ନ ଲୋକଙ୍କୁ ଠକୁ ଥିବାର ଜଣା ଯାଇଛି ଏହିସବୁ ଆକାଉଣ୍ଟରେ ଥିବା ଏକକୋଟି ତଉଦଲକ୍ଷ ବାର ହଜାର ଛ ଶହ ଟଙ୍କା ଙ୍କୁ ପୋଲିସ ଫ୍ରିଜ କରିଛି ବୋଲି ପୋଲିସ ପ୍ରକାଶ କରିଛି ସେମାନଙ୍କ ନିକଟରୁ ସୁଇଚ ବାଇକ, ଛ ଟି ମୋବାଇଲ ଫୋନ, ୩୮ ଟି ଏଟିଏମ କାର୍ଡ, ୯୧ଟି ସିମ କବଜ କରାଯାଇଛି, ଏମାନେ ଦିନ ବେଳେ ମିସ୍ତ୍ରୀ କାମ କରୁଥିବାବେଳେ ରାତିରେ ଅପରାଧିକ କାର୍ଯ୍ୟ କରୁଥିଲେ, କେନ୍ଦୁଝର ଜିଲ୍ଲାରେ ବର୍ତ୍ତାଧିକ କାଳ ଏହି କାର୍ଯ୍ୟ କରି ଗରୀବ ଲୋକଙ୍କୁ ଲୋଭର ବସବର୍ତ୍ତୀ କରି ୫ହଜାର ଟଙ୍କାଆଗୁଆ ଦେଇ ବ୍ୟାଙ୍କ ରେ ଆକାଉଣ୍ଟ ଖୋଲି ସେହି ଆକାଉଣ୍ଟ ପାସ ବୁକ, ସିମ ଝାଡ଼ଖଣ୍ଡର ଅପରାଧୀ ମାନଙ୍କୁ ବିକ୍ରୀ କରୁଥିଲେ, ଅତିରିକ୍ତ ଏସପି ସ୍ନେହାଶିଷ ସାହୁ, ଏସ୍ଡିପିଓ ସୁବର୍ଣ୍ଣନ ଗଣ୍ଡୋଇ,ଗୋଳନ ଥାନା ଅଧିକାରୀ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ତଦନ୍ତ କରି ଅପରାଧୀଙ୍କୁ ଗିରଫ କରିବାରେ ସଫଳତା ହାସଲ କରିଛନ୍ତି ।

ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ

କେନ୍ଦୁଝର,୨୧/୨(ନି/ପ୍ର): ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ବରବାର ହଲ୍‌ଠାରେ ଗତ ୧୮.୦୨.୨୦୨୬ ତାରିଖ ଦିନ ଏକ ଦିନିକିଆ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । 'ପରିଚାଳନାଗତ ଉତ୍କର୍ଷତା ପାଇଁ ଏଆଇ ଉପକରଣ' ଶୀର୍ଷକ ଏହି କର୍ମଶାଳା ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ସ ସେଂଟର ର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ।ବିଗତଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ଟୁଲ୍‌ସର ବ୍ୟବହାର କରି ଜିଲାଲି କାର୍ଯ୍ୟଦକ୍ଷତା ବଢ଼ାଯାଇପାରିବ, ସେ ନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଶେଷ କରି ତଥ୍ୟ ବିଶ୍ଳେଷଣ, ଚିଠିପତ୍ର ପ୍ରସ୍ତୁତି,ଏବଂ ସରକାରୀ ଯୋଜନାର ସଫଳ କୂପାୟନ ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା ।ସୋସିଆଲ ମିଡିଆ ଓ ଜନସମ୍ପର୍କ ପାଇଁ 'ପୋଷ୍ଟ ମାଇଣ୍ଡ ଏଆଇ ।ଏହିଅବସରରେ ପ୍ରଶାସନିକ ଅଧିକାରୀମାନଙ୍କୁ ସୋସିଆଲ ମିଡିଆ ପରିଚାଳନା ପାଇଁ ପୋଷ୍ଟମାଇଣ୍ଡ ଏଆଇ ' ଭଳି ଆଧୁନିକ ଉପକରଣ ବିଷୟରେ ଅବଗତ କରାଯାଇଥିଲା । ଏହିଦୁଇ ମାଧ୍ୟମରେ ଜିଲାଲି ସହରରେ ଆକର୍ଷଣୀୟ ଦ୍ୟାପ୍ତନ ଲେଖାଯାଇପାରିବ, ଗ୍ରାଫିକ୍ସ ଡିଜାଇନ୍ କରାଯାଇପାରିବ ଏବଂ ଏକାସାଙ୍ଗରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସରକାରୀ ସୂଚନା ପ୍ରସାରିତ ହୋଇପାରିବ, ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରାର ମହାଳିକ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

ନରେନ୍ଦ୍ର ତ୍ରିପାଠୀଙ୍କୁ ଡକ୍ଟରେଟ

କେନ୍ଦୁଝର,୨୧/୨(ନି/ପ୍ର): ଡ଼ିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିମିଟେଡ଼ ର ଡେପୁଟି ଜେନେରାଲ ମ୍ୟାନେଜର ଭାବେ ବୀର୍ଯ ଦିନଗୁ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ତଥା ଜିଲ୍ଲାର ଜନଜୀବନ ସହିତ ଓତଃପ୍ରତ ଭାବେ ଜଡିତ ନରେନ୍ଦ୍ର କୁମାର ତ୍ରିପାଠୀ 'ବିଦ୍ୟାଧର ବେହେରା ଙ୍କ ସୃଷ୍ଟି ରେ ଆଦିବାସୀ ଜୀବନଧାରା 'ଶୀର୍ଷକ ସନ୍ଦର୍ଭ କୋଲହନ ବିଶ୍ୱବିଦ୍ୟାଳୟ ତାଙ୍କିବସା, ଝାରଖଣ୍ଡ ର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ସହଯୋଗୀ ପ୍ରଫେସର ଡକ୍ଟର ସୁରେଶ ଚନ୍ଦ୍ର ବାଣ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଗବେଷଣା କରି ଉପସ୍ଥାପନ କରିଥିଲେ, ଉକ୍ତ ସନ୍ଦର୍ଭ ଟି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଡ଼ଃ ବିଷ୍ଣୁପ୍ରିୟା ଓଡା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅବସରପ୍ରାପ୍ତ ମୁଖ୍ୟ ପ୍ରଫେସର ଡ଼ଃ ଅନାଦି ଚରଣ ଗାଁଣ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା ,ଏବଂ ନରେନ୍ଦ୍ର ତ୍ରିପାଠୀ ଙ୍କୁ ଡକ୍ଟର ଅଫ ଫିଲୋସଫି ପ୍ରଦାନ କରାଯାଇଥିଲା, ଏହି ସଫଳତା ର ଶ୍ରେୟ ଉତ୍କଳବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ଼ଃ ବିଜୟ କୁମାର ଶତପଥି, ଡ଼ଃ ବିଦ୍ୟାଧର ବେହେରା, ସହଧର୍ମିଣୀ ରିତାଞ୍ଜଳୀ ପୁତ୍ର ସିଦ୍ଧାର୍ଥ, କନ୍ୟା ସିଦ୍ଧି ଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି, ଡକ୍ଟର ନରେନ୍ଦ୍ର କୁମାର ତ୍ରିପାଠୀ ଟାଙ୍କାଡୋଡ଼ାର ଝାଡ଼େଶ୍ୱରଜଡେଇ ଗ୍ରାମ ନିବାସୀ ଦୁର୍ଯୋଧନ ତ୍ରିପାଠୀ ଓ ସଶୋଦା ତ୍ରିପାଠୀଙ୍କ ସାନ ପୁଅ, କର୍ମକ୍ଷେତ୍ର କେନ୍ଦୁଝରକୁ ଅତ୍ୟନ୍ତ ଭଲପାଉଥିବା କେନ୍ଦୁଝର ଜନସାଧାରଣଙ୍କୁ ଅନ୍ତରରୁ କୃତଜ୍ଞତା ଜ୍ଞାପନ କରିବା ସହିତ ସମସ୍ତ ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି,ବିଭିନ୍ନ ମହଲରୁ ଡକ୍ଟର ତ୍ରିପାଠୀଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି ।

କିଶୋରୀମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ଶିବିର

ଅନୁଗୋଳ,୨୧/୨(ନି/ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ସମାଜ ମଙ୍ଗଳ ବୈଠକ ଗୃହରେ କିଶୋରୀମାନଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା, ଖଳପା ଶ୍ରୀ ଗୋଧୁରୀ ବୀପକ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୁପମା ପାଣିପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରୁ ମୋଟ ୭୨ ଜଣ କିଶୋରୀ ବାଳିକା ଏହି ଶିବିରରେ ଯୋଗଦେଇ କମ୍ୟୁନିଟ୍ରେ ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷା ନିଯୁକ୍ତି ବିଷୟରେ ପ୍ରଶିକ୍ଷଣ ନେଇଥିଲେ । ଏହି କର୍ମଶାଳାରେ ଜିଲ୍ଲା ଦକ୍ଷତା ସଂଯୋଜକ ଶ୍ରୀ ବିଶ୍ୱଜିତ୍ ପଣ୍ଡା ଜିଲ୍ଲାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀମାନଙ୍କର ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି କହିଥିଲେ । ସେହିପରି ମହିଳା ସୁରକ୍ଷା ଅଧିକାରୀ ଶ୍ରୀମତୀ ଗୁରୁ ପ୍ରଧାନ ଆର୍ଥିକ କ୍ଷେତ୍ରରେ ସୁବୃଦ୍ଧ ହେବାକୁ ଉପସ୍ଥିତ କିଶୋରୀମାନଙ୍କୁ କହିଥିଲେ । ଏହି ଶିବିରରୁ ଷ୍ଟୁଡିସେଫ ଜିଲ୍ଲା ସଂଯୋଜିକା ଶ୍ରୀମତୀ ସନ୍ଧ୍ୟାରାଣୀ ନାୟକ ସଂଯୋଜନା କରିଥିବା ବେଳେ ଜିଲ୍ଲା ମହିଳା ସଶକ୍ତିକରଣ (ଉଐଗଡ) ଅଧିକାରୀ ଶ୍ରୀ ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ନିରନ୍ତର 'ବିକାଶ ଲକ୍ଷ୍ୟ ୨୦୩୦ ଉପରେ ତାଲିମ୍ ଶିବିର ଆୟୋଜିତ

ନୂଆପଡା, ୨୧/୨(ନି/ପ୍ର): ନୂଆପଡାରେ " ନିରନ୍ତର ବିକାଶ ଲକ୍ଷ୍ୟ – ୨୦୩୦" ଉପରେ ଏକ ଜିଲ୍ଲା ସ୍ତରୀୟ ତାଲିମ ଶିବିର ତଥା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭା ଗୃହରେ ଆଜି ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲୀ ମାଝୀ ମୁଖ୍ୟ ଅତିଥି ଓ ସଙ୍ଗାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ବିପ, ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଲୁଆ, ଉପ ଜିଲ୍ଲାପାଳ ସୁମିତ୍ରା ସୋରେନ୍ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ସେଠୀ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବହୁସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ବିଶେଶ୍ୱର ଧଲୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ କ୍ଷ ସି ଡି ଓ ଶ୍ରୀ ଧଲୁଆ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକ କ'ଣ ଓ ସେଗୁଡ଼ିକୁ କିପରି ହାସଲ କରାଯାଇପାରିବ ତା' ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହାପରେ, ଝାରସୁଗୁଡ଼ା ଡି ପି ଏମ୍ ୟୁ ଆସିଷ୍ଟାଣ୍ଟ ଡାଇରେକ୍ଟ ସଞ୍ଜୟ କୁମାର ବୀପ, କଳାହାଣ୍ଡି ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ବଳାଇ, କୁସୁମିନୀ ମିଶ୍ର ନିରନ୍ତର ବିକାଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅତିଥି ଓ ବକ୍ତାମାନେ କହିଥିଲେ ଯେ, ୨୦୧୫ ମସିହାରେ ଜାତିସଂଘ ପକ୍ଷରୁ ଘୋଷିତ ୧୭ଟି ସ୍ଥାୟୀ ଉନ୍ନୟନ ଲକ୍ଷ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ଦାରିଦ୍ର୍ୟ ନିବାରଣ, ଗୁଣାତ୍ମକ ଶିକ୍ଷା, ଲିଙ୍ଗ ସମାନତା, ସ୍ୱଚ୍ଛ ପାଣି, ସ୍ୱାସ୍ଥ୍ୟ ସୁବିଧା, ପରିବେଶ ସୁରକ୍ଷା ଓ ସମାବେଶୀ ଆର୍ଥିକ ଉନ୍ନତି ସୁନିଶ୍ଚିତ କରିବା । ଭାରତ ୨୦୩୦ ସୁଦ୍ଧା ଏହି ସମସ୍ତ ଲକ୍ଷ୍ୟ ସାଧନ ପାଇଁ ଆମେ ପ୍ରତିବଦ୍ଧ । ସ୍ୱଚ୍ଛ ଭାରତ ଅଭିଯାନ, ଜଳ ଜୀବନ ମିଶନ, ଡିଜିଟାଲ ଭାରତ, ନବୀକରଣ ଉର୍ଜା ବିକାଶ ଓ ମହିଳା ସଶକ୍ତିକରଣ ଭଳି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଦେଶ ଦ୍ରୁତ ଗତିରେ ଆଗୁଆ ହେଉଛି ବୋଲି କହିଥିଲେ । ନିରନ୍ତର ଉନ୍ନୟନ କେବଳ ସରକାରୀ ପଦକ୍ଷେପରେ ସୀମିତ ନୁହେଁ; ପ୍ରତ୍ୟେକ ନାଗରିକଙ୍କ ସଚେତନ ଭୂମିକା ଏହାର ମୂଳ ଆଧାର । ପାଣି ଓ ବିଦ୍ୟୁତ ସଂଚୟ, ପ୍ଲାଷ୍ଟିକ ବ୍ୟବହାର କମାଇବା, ପରିବେଶ ସୁରକ୍ଷା ଓ ଶିକ୍ଷାର ପ୍ରଚାର ମାଧ୍ୟମରେ ଆମେ ସମସ୍ତେ ଲକ୍ଷ୍ୟ ପ୍ରାପ୍ତିରେ ସହଭାଗୀ ହୋଇପାରିବା । ଶେଷରେ ସମସ୍ତଙ୍କୁ ଏକ ସମୃଦ୍ଧ ଭାରତ ଗଠନ ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଥିଲା ।

ଯାନ୍ତ୍ରିକ ଯୁଗରେ ଶୁଭୁନି ହଳିଆ ଗୀତ, ମେସିନରେ ହେଉଛି ଧାନ ଅମଳ

ଜୟପୁର,୨୧/୨(ନି/ପ୍ର): କୃଷି ପ୍ରଧାନ କୋରାପୁଟ ଜିଲାରେ ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକମାନେ ସମୟ ଦେଉଥିଲେ । ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଠାରୁ ଆରମ୍ଭକରି ରୁଆ, ବୁଣା, ଧାନ ବଛା, ଶେଷରେ ଧାନ କଟା ଓ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ମାନେ ନିୟୋଜିତ ରହୁଥିଲେ । କ୍ଷେତରୁ ବର୍ଷକର ରୋଜଗାର ପାଇଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ । ଜମିରେ ହଳ, ବଳବଳୁ ଆରମ୍ଭ କରି ଜମି ଚାଷ ପାଇଁ ଲଙ୍ଗଳ, ମଇ ଆଦି ବ୍ୟବହାର କରୁଥିଲେ । ଏଥିପାଇଁ ରାଜ୍ୟରେ ବଳଦ ବହୁଳ ବ୍ୟବହାର ହେଉଥିଲା । ଏବେ କିନ୍ତୁ ସମୟ ବଦଳିଛି ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶୀଳ ହେଲେଣି ଚାଷୀ ପଳକରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି । ଚାଷ ଜମିରେ ମଧ୍ୟ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି । ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି । ଗୋରୁମାନଙ୍କୁ ନେଇ ଧାନ ମଳା ଯାଉନି । ମେସିନରେ ଧାନ ଅମଳ ହେଉଛି । ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଇଥିଲା । ତାହା ବର୍ଷସାରା ଗାଈଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା । ହେଲେ ଏବେ ପାଳ ମଧ୍ୟ ଅଧିକ ଦେଖିବାକୁ ମିଳୁନି । ଜାଁ ଜାଁ କିଛି ଚାଷୀ ଗୋରୁମାନଙ୍କୁ ନେଇ ଗାଁ ସହଳିରେ ବେଙ୍ଗେଳା ବୁଲାଇ ଧାନ ଅମଳ କରୁଥିବା ବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି । ପୂର୍ବରୁ କୋରାପୁଟ ଜିଲାର ବୋରିଗୁମ୍ଭାସ ବେପାରିଗୁଡା, କୁଦୁରା, ଜୟପୁର, ଲୋଟପାଡ ବ୍ଲକ ଧାନ ଅମଳ ବେଳେ କୃଷି ଶ୍ରମିକ ମାନେ ଗୋରୁ ମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ଡଇଁଆ ଗୀତ ଗାଉଥିଲେ । ତେବେ ଖର୍ଚ୍ଚ କମିବା ସହ କମ୍ ସମୟରେ ଧାନ ଅମଳ ହୋଇ ପାରୁଥିବାରୁ ଏବେ ମେସିନ ସହାୟତାରେ ହିଁ ଧାନ ଅମଳ କରାଯାଉଛି । ପୂର୍ବରୁ ଅମଳ ପରେ ଏହାକୁ ଙ୍ଗରକ୍ଷଣ କରିବାକୁ ସେଥିରୁ ବାହାରୁଥିବା ପାଳକୁ ବଳି ବଉଡି ପ୍ରସ୍ତୁତ କରି ପୁଡୁଗ କରୁଥିଲେ ଚାଷୀ । କିନ୍ତୁ, ଆଜିର ଯାନ୍ତ୍ରୀକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ଜମିରୁ ହିଁ ଅଖାରେ ଭର୍ତ୍ତି କରି ମିଲ୍ କୁ ପଠାଇ ଦିଆଯାଉଛି । ଷ୍ଟିମ ଦେଇ ଧାନରୁ ଚାଉଳ ବାହାର କରାଯାଇ ତାକୁ ବଜାରକୁ ଛାଡି ଦିଆଯାଉଛି । ଏସବୁ ଚାଉଳ ଖାଇ ଲୋକେ ପ୍ରାକୃତିକ ପୁଷ୍ଟିକରରୁ ବଂଚିତ ହେବା ସହ ରୋଗ ନିରୋଧ ଶକ୍ତି ହ୍ରାସ ପାଉଥିବା କହିଛନ୍ତି ଚାଷୀ । ବାସ୍ତବରେ ଏବେ ଆଧୁନିକତା ବାଢ଼ି ଦେଇ ପୁରୁଣା ପରମ୍ପରାକୁ ଭୁଲି ଗଲେଣି ଅନେକ ଚାଷୀ ସେଥିରେ କୃଷି ଶ୍ରମିକ ମାନେ କାମ ଧନ୍ଦା ଅଭାବରୁ ବାଦର ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଥିବା ଚାଷି ମାନେ ଅଭିଯୋଗ କରିଛନ୍ତି ।

କୃଷକ ଫଜିକରଣ ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୨୧/୨(ନି/ପ୍ର): ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳନ ଅବସରରେ କୋରାପୁଟ ବ୍ଲକ ର ଦେବୀଘାଟ ଗ୍ରାମରେ ମହିଳା ଚାଷୀମାନଙ୍କର କୃଷକ ଫଜିକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୧୦୦ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ ।

ସାହାରପଡା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଏବଂ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୧/୨(ନି/ପ୍ର): ସାହାରପଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଏବଂ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ପଂଚାୟତ ନିର୍ବାଚନ ଙ୍କୁ ଆଖି ଆଗରେ ରଖି କିପରି ସଂଗଠନ ମଜବୁତ କରି ହେବ ସେନେଇ ବିଶେଷ ଆଲୋଚନା କରିଥିଲେ । ଏହି ସଭାରେ ନୂତନ ଭାବେ ନିଯୁକ୍ତ ହୋଇଥିବା ବ୍ଲକ ସଭାପତି ସରୋଜ କୁମାର ବସେଲଙ୍କୁ ପୁଷ୍ପ ଗୁଚ୍ଛ, ଉତରୀୟ ଦେଇ ସମ୍ବର୍ଦ୍ଧନା ଦେବା ସହ ସଂଗଠନ କୁ କିପରି ମଜବୁତ କରିବେ ସେ ନେଇ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ନୂତନ ଦିଶା ଦେଖାଇଛନ୍ତି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଗୌରହରି ନାଏକଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତରୀୟ ଦେଇ ସ୍ୱାଗତ କରି ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଏହି ସଭାରେ ପୂର୍ବତନ ବ୍ଲକ ସଭାପତି ଭୋଳାନାଥ ବସେଲ , ପୂର୍ବତନ ସରପଂଚ ସାରଥି ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଙ୍କି ପୁଷ୍ପା, ପୂର୍ବତନ ଲ୍ୟାମ୍ପ ସଭାପତି ଗୌରହରି ଦାସ, ବିଜରଞ୍ଜନ ରାଉତ, ନାରାୟଣ ନାୟକ, ଯଶୋବନ୍ତ ମହାନ୍ତ, ବଳରାମ ମହାନ୍ତ, ତିତରଞ୍ଜନ ତରେଇ, ହେମ ରଞ୍ଜନ ବେହେରା, ବେଣୁଧର ନାୟକ, ବିଦ୍ୟାଧର ନାଏକ, ଯୁବ କଂଗ୍ରେସ ସଭାପତି ରାଜୁ ମହାନ୍ତ ଏବଂ ପଞ୍ଚକ ନାଏକଙ୍କ ସମେତ ୨୦ ଗୋଟି ଗ୍ରାମ ପଂଚାୟତ ରେ ଥିବା ବରିଷ୍ଠ, ଯୁବକ ମାନେ ଉପସ୍ଥିତ ରହି ଆଗାମୀ ପଂଚାୟତ ନିର୍ବାଚନରେ ବହୁ ସଂଖ୍ୟକ ସରପଂଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ମାନଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଜିତାଇବାକୁ ସଂକଳ୍ପ କରିଥିଲେ ।

କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଚାଂୟତ କାଦଗଡ଼ଠାରେ ଚାଲିଥିବା ମା' ଠାକୁରାଣୀ ଜିଜେଟ୍ ଟୁର୍ଣ୍ଣାମେଣ

ବିବିଧା

ରାଶି ଫଳ

ମେଷ: ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ । କାର୍ଯ୍ୟଦିନରୁ ଅନେକି ଛାଡିଥିବା କାର୍ଯ୍ୟ ପୂରା ହେବ । ଆୟ ଓ ବ୍ୟୟ ସମାନ ରହିବ । ମଦିରାପାନରେ ପରହେଜାରେ ଚଳୁ ରହିବେ ।

ବୃଷ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖର ସମୟ ଅତିବାହିତ କରିବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

ମିଥୁନ: ଦିନଟି ଶୃଙ୍ଖଳିତ ପ୍ରମାଣ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଧିକ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

କର୍କଟ: ବନ୍ଧୁ ଠାରୁ ଭଲ ସହଯୋଗ ମିଳିବ । ବ୍ୟବସାୟରେ ଲାଭ ହେବାର ସମ୍ଭାବନା ରହିଛି । ସାମାଜିକ ପ୍ରତିଷ୍ଠା ବଢ଼ିବ । ଅତିଥିଙ୍କ ସହଜମିଳ ସହଯୋଗରେ ମାଲକୁ ବଢ଼ିବେ । ମାନସିକ୍ଷାନ୍ତ ବୃଦ୍ଧି ମାଇବ ।

ସିଂହ: ଦେହ ଦଣ୍ଡର ରହିବ । ମନ ପ୍ରଫୁଲ୍ଲିତ ରହିବ । ଆତ୍ମୀୟ ସ୍ୱଜନ ଅତିଥି ହେବ । ଅଯଥା ଖର୍ଚ୍ଚ ଦୁଇଜ ଚିନ୍ତାନ । ଘର ପାଇଁ ନୂଆ ଜିନିଷ କିଣିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସମସ୍ୟା ପ୍ରାପ୍ତି ହେବ । ଛାତ୍ରଛାତ୍ରୀରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଦୈବୀକାଳିକ ଜୀବନରେ ସମସ୍ୟା ଆସିବ । ସ୍ୱାଙ୍କ ସହ ମୂଳ୍ୟବାନ୍ ଦ୍ରବ୍ୟ ଖରିଦ କରିବେ ।

ତୁଳା: ଅପିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରଣକରିବୁ ଦୂରରେ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉଦ୍ଵେଗ ପରିଚାଳିତ ହେବ । ନିଜେ ଶରୀର ଭଲ ରହିବ । ପୂର୍ବତନ ଭାବେ ଚିନ୍ତା ଭରସ୍ତ ।

ବିଛା: ସୃଜନାତ୍ମକ କାର୍ଯ୍ୟରେ ସମ୍ପର୍କ ମିଳିବ । ବୁଦ୍ଧିକୌଶଳ ଉନ୍ନତି ପରିଚାଳିତ ହେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ପର୍କ ମଜଭୁତ୍ ହେବ । ନିଜ ଭୋଜନ ଶରୁ ଏଡ଼ାଇବା । ମାଧ୍ୟିପୁଟି ଖଣ୍ଡାଖୁଣ୍ଡ ।

ଧନୁ: ନିଦେଶ୍ରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅପରିଚିତ ପରେ ସାବଧାନ ରହିବା ଆଜି । ଭୋଜ୍ ଜନେଚା ମାମଲାର ଶୁଭାଶୀଷ ଲାଭ ।

ମକର: ଶାରୀରିକ ଯତ୍ନରେ ଲୋଭିପାରନ୍ତି । ପ୍ରାଣ୍ଟ ପ୍ରତି ଯତ୍ନବାନ ହେବେ । ପୁରାତୁଣି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଦେବାଦିଦ୍ୟୁ ସମ୍ପର୍କ ମିଳିବ । ବ୍ୟବସାୟରେ ଛାଡ଼ି ଯୋଜନା ମିଳିବ । ବ୍ୟବସାୟ ଜୀବନ ସୁଖମୟ ହେବ ।

କୁମ୍ଭ: ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମ୍ପର୍କରେ ମନ ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ସାଲକାଳି ଜାଳିଜିନିଙ୍କ ପାଇଁ ଦିନଟି ଭଲ ।

ମୀନ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପାଠପାଣ୍ଠାର ସହ ବିବାଦ ଦେଖା ଦେବ । ବିଶେଷ କାର୍ଯ୍ୟରୁ ଲାଭ ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

ଆଜିର ଇତିହାସ

- ୧୭୫୭- ବ୍ରିଟିଶ୍ ସେନା କଲିକତା ସହର ଉପରେ କବ୍‌ଜା କଲା ।
- ୧୯୪୪- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପାଇନ୍ସର ରାଜଧାନୀ ମାନିଲା ଉପରେ କବ୍‌ଜା କଲେ ।
- ୧୯୫୪- ଭାରତ ରତ୍ନ ପୁରସ୍କାରର ଆରମ୍ଭ ହେଲା ।
- ୧୯୭୪- ଷ୍ଟକ୍‌ହୋମ୍ସର ସ୍ୱାସ୍ଥ୍ୟଗୋରେ ଏକ ଫୁଟବଲ ମ୍ୟାଚ୍‌ରେ ଦର୍ଶକଙ୍କଠାରୁ ଯୋଗୁ ୬୨ ଜଣ ଫୁଟବଲ ପ୍ରେମୀଙ୍କ ମୃତ୍ୟୁ ।
- ୧୯୯୯- ଶ୍ରୀକୃଷ୍ଣପୁରମ୍ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଲା ।

ଟୁଥ୍‌ପିକ୍‌ରେ ଏଫିଲ୍ ଟାୱାର



ଆମେରିକାର ଜଣେ ଡାକ୍ତର ନିଜର ନିଆରା ପ୍ରତିଭା ଯୋଗୁଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ଏଫିଲ୍ ଟାୱାରର ମାଳାଳ ଏହି ଡାକ୍ତର ଜଣକ ଏଫିଲ ଟାୱାରର ଏକ ମଡେଲ ତିଆରି କରିଛନ୍ତି । ଏହାର ପୁରା ସଂରଚନାକୁ ସେ ଟୁଥ୍‌ପିକ୍‌ରେ କରିଛନ୍ତି । ଏଥିପାଇଁ ସେ ଗିନିଜ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି । ଏଫିଲ ଟୁଥ୍‌ପିକ୍ ଏବଂ ଅଠାକୁ ବ୍ୟବହାର କରି ୧୦. ୩୪ ଫୁଟ ଉଚ୍ଚ ଏଫିଲ ଟାୱାର୍ ତିଆରି କରିଛନ୍ତି । ଏହାକୁ ଏବେ ବିଶ୍ୱର ସବୁଠୁ ଉଚ୍ଚ ଟୁଥ୍‌ପିକ୍ ସଂରଚନା ବୋଲି କୁହାଯାଇଛି । ପିଲାଦିନରୁ ଏଫିଲ୍‌କର ବିଭିନ୍ନ ଜିନିଷ ତିଆରି କରିବାରେ ଖାଲାକ ରହିଛି । ଏଥିପରେ ଏଫିଲ୍‌କୁ ଦାନ୍ତ ଡାକ୍ତରଙ୍କୁ ପ୍ରେରଣା ମିଳିଛି । ଦାନ୍ତ ବାଧା ଜରେଣ ପିଡିତ ଲୋକମାନେ । ଏଫିଲ୍ ପିଲାଦେଖେ ଆଇସଡ୍ରିମ୍ ଖିଲିବାରେ ଜିନିଷ ତିଆରି କରିବାକୁ ପସନ୍ଦ କରୁଥିଲେ । ସେହିପରି ଏହା ମାଳାର ପ୍ରୋମ ହୋଇଗଲା ନୁହେଁ । ୨୦୨୪ ମସିହାରେ ତାଙ୍କୁ ୪୭ ବର୍ଷ ବୟସ ହୋଇଥିବାବେଳେ ସେ ଆଇସକ୍ରିମ୍ ଷ୍ଟିକ୍‌ରେ ୨୦ ଫୁଟ୍ ଉଚ୍ଚ ଏକ ଟାୱାର ତିଆରି କରିଥିଲେ । ସେ ବେମାରରେ ବି ଏଫିଲ୍ ଜିନିଷ୍ ବିଶ୍ୱ ରେକର୍ଡ ଅର୍ଜିକରିଛି । ସେ ବେମାରରେ ଏଫିଲ୍ ଜିନିଷ୍ ଦିଆଯାଇ ଏହାର ଉଚ୍ଚତା ୧୭. ୩୪ ଫୁଟ୍ ଉଚ୍ଚ ଏବଂ ଟାୱାର ତିଆରି କରିଥିଲେ । ସେ ବେମାରରେ ସ୍ୱାମୀଙ୍କ ପ୍ରଶ୍ନ ମାଳକୁଦ୍ ହେବ । ନିଜ ଭୋଜ ଶରୁ ଏଡ଼ାଇବା । ମାଧ୍ୟିପୁଟି ଖଣ୍ଡାଖୁଣ୍ଡ ।

ଏଫିଲ୍ ଆଜୁଲି ମଧ୍ୟ କରିଛନ୍ତି, 'ଟୁଥ୍‌ପିକ୍ ଅଧ୍ୟଷ୍ଟ ଛୋଟ' । ଏହାକୁ ଯୋଡ଼ିବା, ସବୁଠାରେ ଲଖା କରିବା ଏବଂ ଏଫିଲ ଟାୱାର ତିଆରି କରିବା ଏକ ସଂରଚନାକୁ ତିଆରି କରିବା ଆଦୌ ସହଜ କାମ ନୁହେଁ । ଅନ୍ୟପକ୍ଷରେ ସ୍ୱାମାଜିକ ଗଣମାଧ୍ୟମରେ ତାଙ୍କ ପରିଶ୍ରମ ଏବଂ ମେହିନ୍ଦ୍ରର ଖୁବ୍ ପ୍ରଶଂସା କରାଯାଇଛି ।

ଆଜି ବାହୁଡ଼ିଥିଲେ

ଉତ୍କଳକେଶରୀ ହରେକୃଷ୍ଣ ମହତାବ



ନବ ଉତ୍କଳର ନିର୍ମାତା ତ. ହରେକୃଷ୍ଣ ମହତାବ ପୁରେ ଏକାଧାରରେ ଜଣେ ଲାଖକ ଜାଳିଛ, ଦିଶାନାୟକ, ସଂଗଠକ, ଐତିହାସିକ, ଗବେଷକ, ସାମ୍ବାଦିକ ଏବଂ ଗଳ୍ପକାର । ଓଡ଼ିଶାରେ ପତ୍ରକାରତ୍ୱର ମିଶ୍ରଣ, ଭୂତନେଶ୍ବରରେ ରାଜଧାନୀର ନିର୍ମାଣ ବହୁବିଧ ତାଙ୍କ ଶାସନକାଳରେ ହୋଇଥିଲା । ସେ ମିଳିତ ଗୁଣାନ୍ତର ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା । ୧୮ ୧୯ ଜନ୍ମେଗୁରୁ ୨୦ରେ ଉତ୍କଳ ଅନ୍ତର୍ଗତ ଅଗଳପଡ଼ା ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା । ବି. ଏ. ପରୀକ୍ଷା ସମୟରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାତ୍ରା କରିଥିଲେ । ଏହାପରେ ମୁରଳୀର ୧୯୩୦-୩୩ରେ କାଙ୍କେଶ୍ବରର ରାଷ୍ଟ୍ରବିରୋଧ ଜନତା ଏବଂ ଅନ୍ୟାନ୍ୟ ଅନ୍ୟାୟ ଅତ୍ୟାଚାରକୁ ପ୍ରତିରୋଧ କରି ଦୁଇଥର କାରାବରଣ କରିଥିଲେ । ୧୯୪୬-୪୭ ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୫-୫୭ ରୁ ୧୯୫୭ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯ ୫୪ରେ ସେ ବେରମ୍ପୁର ଲୋକସଭା ଆସନରୁ ଲୋକସଭା ସଦସ୍ୟ ହୋଇଥିଲେ । ୧୯୭୭ ରୁ ୧୯୮୩ ପର୍ଯ୍ୟନ୍ତ ସେ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ । ୧୯ ୫୪ରେ ସେ ବେରମ୍ପୁର ଲୋକସଭା ଆସନରୁ ଲୋକସଭାରେ ସଦସ୍ୟ ହୋଇଥିଲେ । ୧୯୭୭ ରୁ ୧୯୮୩ ପର୍ଯ୍ୟନ୍ତ ସେ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ଶିଳ୍ପ, ବାଣିଜ୍ୟ ଓ ପରିବହଣ ମନ୍ତ୍ରୀ ଭାବରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ସଞ୍ଜୟଙ୍କ ପାଇଁ ଅଡ଼ୁଆରେ ରଣବୀର

ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ଲେଖିଟାଣିପୁଣ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି । ଚଳିତବର୍ଷ ତାଙ୍କର ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ ରିଲିଜ୍ ହେବାରେ ଅଛି । ରଣବୀରଙ୍କ ଅଭିନୀତ ଉଷ୍ଣୟ ଲୀଳା ଭଂସାଲିଙ୍କ ନିର୍ଦ୍ଦେଶିତ 'ଲଭ୍ ଆଣ୍ଡ ୱାର୍' ଆଗାମୀ ମାର୍ଚ୍ଚ ୧୯ ରେ ରିଲିଜ୍ ହେବାର ଥିଲା । ହେବେ ତ୍ରୁଟି ସରିନ ଥିବାରୁ ଏବେ ଏହାର ରିଲିଜ୍‌କୁ ସ୍ଥଗିତ ଦିଆଯାଇଛି । ରଣବୀର ଦ୍ୱିତୁ ଲଗାତାର ସଞ୍ଜୟଙ୍କୁ ଏହାକୁ ଜୁନ୍‌ରେ ରିଲିଜ୍ କରିବା ପାଇଁ ମାନାଉଛନ୍ତି । କାରଣ ସାପାହିଦିରେ ତାଙ୍କ ଫ୍ୟାନ୍‌ସିପର ସବୁଠୁ ବଡ଼ ଫିଲ୍ମ ହୁଇଯାଉଥିବା 'ରାମାୟଣ' ଆସିବ । ଏହି ଫିଲ୍ମର ବଜେଟ୍ ରହିଛି ୪୦୦୦ କୋଟି । ଇତିମଧ୍ୟରେ 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ସ୍ଥଗିତ ଦିଆଯିବାରୁ ଏହାକୁ ନେଇ 'ରାମାୟଣ'ର ପ୍ରଯୋଜକ ଅସୁବିଧାରେ ପଡ଼ିଛନ୍ତି । 'ଲଭ୍ ଆଣ୍ଡ ୱାର୍'ର ଶୁଟିଂ ଆଗାମୀ ମେ ପର୍ଯ୍ୟନ୍ତ ଚାଲିବ । ଏହାର ପୋଷ୍ଟ ପ୍ରଡକ୍ସନ କାମ କରିବା ପରେ ଏହାକୁ ଅଗଷ୍ଟ ଦିମ୍ବା ସେପ୍ଟେମ୍ବରରେ ରିଲିଜ୍ କରାଯାଇପାରିବ । ସମ୍ଭବ ଏହାକୁ ଅଗଷ୍ଟ ୧୪ରେ ରିଲିଜ୍ କରିବା ନେଇ ବିପରିବ ଭାବେ ଚିନ୍ତା ଚାଲିଛି । ଏବେ ରାମାୟଣର ଏହି ଫିଲ୍ମ ଯୋଗୁଁ 'ରାମାୟଣ' ଫିଲ୍ମ ଆଗୁଆରେ ପଡ଼ିଛି । ଜାରଣ 'ଲଭ୍ ଆଣ୍ଡ ୱାର୍' ଓ 'ରାମାୟଣ' ରିଲିଜ୍ ମଧ୍ୟରେ ଅଳ୍ପକେ ଛଟ୍‌ମାସର ଅନ୍ତର ରହିବ । ରଣବୀର ଏବେ 'ଲଭ୍ ଆଣ୍ଡ ୱାର୍'ର ଶୁଟିଂରେ ବ୍ୟସ୍ତ ରହିବା କାରଣରୁ 'ରାମାୟଣ'ର ଶୁଟିଂ ଆହୁରି ଦିନମୁଣ୍ଡେ ଚାଲିପାରେ । ଏଥିପାଇଁ ଫିଲ୍ମର ବଜେଟ୍ ମଧ୍ୟ ବଢ଼ିଯିବ । ଜାନିହ୍ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ'ର ବଜେଟ୍ ରହିଛି ୪୦୦୦ କୋଟି । ଏହା ୨୦୨୬ ଓ ୨୦୨୭ ଦୀପାବଳିରେ ଦୁଇଟି ପାର୍ଟରେ ଆସିବ ବୋଲି ଘୋଷଣା କରାଯାଇଛି ।

ସଞ୍ଜୀବନୀ

କୃତ୍ରିମ ନଖ ସ୍ୱାସ୍ଥ୍ୟ ପାଇଁ କେତେ ଭଲ

ଆଜିକାଲି ଜେଲ୍ ଏକ୍ସଟେନ୍‌ସନ୍‌ର ଲୋକପ୍ରିୟତା ବୃଦ୍ଧି ପାଇଛି । ମହିଳାମାନେ ମଧ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୃତ୍ରିମ ନଖ ଲଗାଇଛନ୍ତି । ତେବେ ଏହିଭଳି କିମ୍ବା ଜେଲ୍ ଯୋଗେ ଉପଯୋଗ କରାଯାଉ ଜେଲ୍ ଏକ୍ସଟେନ୍‌ସନ୍ ଲଗାଯାଇଥିବାରୁ ନଖ ଜର୍ମ ଜର୍ମରେ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି । ଏଥିରୁଲିକ୍ ଜଳଯୁକ୍ତ ନ କରି ନଖକୁ ପ୍ରାକୃତିକ ନଖ ଭଳି ଲଗାଇବା ଉଚିତ । ଏହାକୁ ଶରୀରର ପାଇଁ ବ୍ୟବହୃତ ଅଂଶରେ ଫର୍ମାଲଡିହାଇଡ, ଟୋଲୁଏନ୍‌ଏସ୍‌ପି ପାରାଏସିଟିକ ପଦାର୍ଥ ରହିଛି ଏ । ଫର୍ମାଲଡିହାଇଡ, ଟୋଲୁଏନ୍‌ଏସ୍‌ପି ପାରାଏସିଟିକ ପଦାର୍ଥ ଆଖିକୁ ଦହାଏ । ଦୃଢ଼ ଜଳଯୋଡ଼ା, ଆଲର୍ଜି ଉତ୍ପନ୍ନ ସମସ୍ୟା ସୃଷ୍ଟି କରିପାରେ । ସେହିପରି ଏହି ଅଠାକୁ ଶୁଖାଇବା ପାଇ ଯେଉଁ ମେସିନରେ ହାଲୁକା ରଖାଯାଏ, ସେଥିରୁ କାହାରୁ ଦୁଇ ବାଇଗଣ ରଶ୍ମି ବିମର ଗଣ୍ଡାକୁ ପ୍ରବେଶ କରି କୋଷଗୁଡ଼ିକୁ କ୍ଷତି ପହଞ୍ଚାଏ । କୋଷଗୁଡ଼ିକରେ ପରିବର୍ତ୍ତନ ହୋଇ କର୍କଟ ରୋଗ ଲାଭ ସାଜିପାରେ । ଏହା ଦୃଢ଼ ଜର୍କଟ ରୋଗର ବୃଦ୍ଧି ପାଇପାରେ । କିଛି ଅଧ୍ୟୟନରୁ ଜଣାପଡ଼ିଛି ଯେ, ବାଦମ୍ବାର ଅତି ବାଇଗଣୀ ରଶ୍ମି ସଂସ୍ପର୍ଶରେ ଆସିବା ଦ୍ୱାରା ହାତ ଦର୍ମରେ ଦର୍ମ କର୍କଟ ଆଶଙ୍କା ଦେଖିଯାଏ । ଏହାଦ୍ୱାରା ଚର୍ମ ବୃଦ୍ଧି ପାଏ । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚରିତ୍ରାନ୍ତ୍ରସରେ ପ୍ରମିମାସ ତଥା ବାଦମ୍ବାର ଜେଲ୍ ଏକ୍ସଟେନ୍‌ସନ୍ କରିବା ସ୍ୱାସ୍ଥ୍ୟପ୍ରଦ ପ୍ରତୀୟମାନ ହୁଏ ।

'ସକାଳ'ର ସ୍ୱାସ୍ଥ୍ୟ

ଲକ୍ଷଣରୁ ଜାଣନ୍ତୁ ଫ୍ୟାଟି ଲିଭର

ଯକୃତ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ପାଚନ କ୍ରିୟାରେ ସାହାଯ୍ୟ କରିଥାଏ । ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରେ । ହେଲେ ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ଏବେ ଅଧିକାଂଶ ଫ୍ୟାଟି ଲିଭରରେ ପୀଡ଼ିତ । ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼େ ନାହିଁ । ତେଣୁ ନିମ୍ନଲିଖିତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ ।

ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଅସେଚନରାହିତ ଖାଦ୍ୟ ଖାଇଲା ଦ୍ୱାରା ଯକୃତରେ ଚର୍ବି ଜମିଯାଏ । ଭାଜ ଭୋଜେଷ୍ଟକ, ମୋମୋପାପ, ମଦ୍ୟପାନ, ମଧୁମେହ ଆଦି କାରଣରୁ ଯକୃତରେ ଚର୍ବି ଜମା ହୁଏ । ଯକୃତ କାର୍ଯ୍ୟକ୍ଷମତା ହଜିଲା ଦ୍ୱାରା । ଭୋଜନ ନ ଜାରିବା, ଦୁର୍ବଳତା, ଦୃଢ଼ତା ଏବଂ ଆଖି ହଳଦିଆ ଆଦି ଲକ୍ଷଣ ଯକୃତ ଅସୁସ୍ଥତାକୁ ସୂଚାଏ । ଚର୍ମଜନିତ ସମସ୍ୟା, ଅଜୀର୍ଣ୍ଣ, ଅମ୍ଳପିତ୍ତ, ଆଦି ରୋଗର ଅଳ୍ପ ଏକ ଲକ୍ଷଣ । ପେଟ ଭାରି ଲାଗିବା, ଓଜନ ବୃଦ୍ଧି, ଭୋଜନ ନ ଜାରିବା ଆଦି ଲକ୍ଷଣ ଦେଖାଯାଏ । ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ମ୍ୟାଟି ଲିଭର ରୋଗ ନିର୍ଣ୍ଣୟ ପାଇଁ ଅଲଟ୍ରାସାଉଣ୍ଡ ଏବଂ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ ଯୋଗାଯାଏ । ସେହିପରି ଚର୍ବିଜାତୀୟ ଓ ଫେଟସମ୍ପାଦକଜାତୀୟ ଖାଦ୍ୟ କମ୍ କରି ଚର୍ବୁଜାତୀୟ ଖାଦ୍ୟ ଖାଇଯାଇପାରେ । ଖାଉଥିବା ଶ୍ରୀ ଶରୀରର ଚର୍ବି କମାଏ ।

ସୁସ୍ଥ ମନ ସୁସ୍ଥ ଶରୀର

ଶୀତଦିନିଆ ଅବସାଦ

ଋତୁ ଅନୁଯାୟୀ, ମହୁଫାର ଶରୀର ଓ ମନ ପ୍ରଭାବିତ ହୁଏ । ଏହି ଋତୁରେ ଶୀତଗରୁରେ କମ୍ ପାଣିପିଇବା, ଅତ୍ୟଧିକ ଥଣ୍ଡା ପବନ ଆଦି ଯୋଗୁ ହଜମଶକ୍ତି ପ୍ରଭାବିତ ହୁଏ । ଚିନା ଜାରଣରେ ଉଦ୍‌ବେଗ, ତିନ୍ତା, ଅବସାଦ, ଉଦାସ, ବ୍ୟବହାରରେ ପରିବର୍ତ୍ତନ ଆସିଥାଏ । ଚିକିତ୍ସା ଭାଷାରେ ଏହାକୁ 'ଋତୁ ଅନୁଯାୟୀ ଅବସାଦ' ବା SAD କୁହାଯାଏ । ଶୀତଗରୁରେ ଅବସାଦର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା ନିହାତି ଆବଶ୍ୟକ ।

ଶୀତଦିନେ ପରିବେଶର ଥଣ୍ଡା ରହିଥାଏ । ଶରୀରକୁ ପରିବେଶାତ୍ମର ପୂର୍ଣ୍ଣରୂପେ ମିଳିପାରେନି । ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟାବସ୍ଥା ପ୍ରଭାବିତ ହୁଏ । ସେହିପରି ଅଣ୍ଡରଗ୍ରାଣ୍ଡ ଗ୍ରନ୍ଥି ପ୍ରଭାବିତ ହୋଇ ଶରୀରରେ ହରମୋନ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରି ନ ଥାନ୍ତି । ମେଲାଟୋନିନ୍‌ଜିନ୍ ପ୍ରକ୍ରିୟା ଥିମା ଯୋଗୁଁ ହାପିଟେସ୍ ହରମୋନ, ଏଡ୍ରେନାଲିନ୍, ଗ୍ରୋଥ୍‌ମାନ୍ ଏବଂ ମଲିସିଟେଲ ହୋଇଥାଏ । ମନ ଭଲମନ୍ଦ ଛୁ-ପ୍ରଭାବ ମନ୍ଦି ଅବସାଦକୁ ଦୂର କିଏ । ମେଲାଟୋନିନ୍ ହରମୋନ୍ ପ୍ରଭାବିତ ହୋଇ, ଶୋଇବା ଚକ୍ରରେ ପରିବର୍ତ୍ତନ ଆସେ ।

- ହାଲିଆ ଲାଗିବା, ଗୋଡ଼ହାତ ଥରିବା, ଓଜନ ବଢ଼ିବା, ଭଲଖାଇ ଖାଇବାକୁ ମନ ହେବା, ଜାମରେ ମନ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ । ଏହି ସମସ୍ୟାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ।
- ଶରୀରକୁ ପର୍ଯ୍ୟାପ୍ତ ପୁର୍ଯ୍ୟାଦିରଣ ଦେବା, ଲାଇଟ୍ ଥେରାପି ନେବା, ଶୀତକାଳ ପିଇବା ସହ ସନ୍ତୁଳିତ ଖାଦ୍ୟକମେଇ ଗ୍ରହଣ ଓ ବ୍ୟାୟାମ କରିବା ସ୍ୱାସ୍ଥ୍ୟକାରକ ହେବ । ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ହିତକର ।

ନାକରୁ ରକ୍ତ ପଡ଼ୁଥିଲେ

ଶୀତଗରୁ କିମ୍ବା ଅତି ଗରମରୁ ପିଲା ଓ ବୟସ୍କଙ୍କ ନାକରୁ ରକ୍ତ ପଡ଼ିଥାଏ । ନାକରୁ ରକ୍ତ ପଡ଼ିବାର ବହୁତ କାରଣ ରହିଛି । ଏହି ସମସ୍ୟାକୁ କମ୍ କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦ ଉପଚାର କରିପାରିବେ ।

- ନାକରୁ ରକ୍ତ ପଡ଼ୁଥିଲେ ସ୍ଥାନୀୟ ଉଷାପ ନିୟନ୍ତ୍ରଣ ପାଇଁ ଡକ୍ଟରଙ୍କ ଉପଯୋଗ କରାଯାଇପାରେ ।
- ବସନ୍ତ ଦାଣ୍ଡି ମାଧ୍ୟରେ ଦୁଇଦିନ ପିଆଜ ରସ ପକାଇ ପାରିବେ । ୧୭ ବର୍ଷରୁ କମ୍ ବୟସର ପିଲା ଏହାକୁ ବ୍ୟବହାର କରିବା ଅନୁଚିତ ।
- ପ୍ରତେକଦିନ ନାକପୁଡ଼ାରେ ଦୁଇଥରେ ପାଣି ଦେବାରୁ ଦିନକୁ ଦୁଇରୁ ତିନିଥର ଚିକିତ୍ସକଙ୍କ ପରାମର୍ଶରେ ପକାଇବେ ନାକରୁ ରକ୍ତ ପଡ଼ୁଥିଲେ ଉପକାର ହୁଏ । ଏଥିପାଇଁ ଲୋଶନିପତ୍ରର ରସ, ବୋଲ୍‌ଛାଉଣିର ରସ, ପଞ୍ଚିକୃଷ୍ଣଲକ୍ଷାର, ଭାବିଶାଦକ ଆଦି ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଇପାରେ ।

ଜିରା ଓ କଳାଜିରା ସେବନରେ ସତର୍କତା

ଆୟୁର୍ବେଦରେ ତିଲିନ ମଞ୍ଜିକୁ ଔଷଧ, ଖାଦ୍ୟପେୟ ଭାବେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି । ଏହି ମଞ୍ଜି ତୁଳୁବା ଚିକିତ୍ସାରେ, ପାନୀୟ ଭାବରେ, ଲେପ ବା

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୨ ଫେବୃଆରୀ ୨୦୨୬

କୋଽରୁକ୍ ?

ସଂକ୍ଷେପରେ କହିଲେ ଅତି ପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟର ପ୍ରସାରଜନିତ ସ୍ୱାସ୍ଥ୍ୟ ହାନି ବର୍ତମାନ ଏକ ଜାତୀୟ ବିପତି ରୂପେ ଆବିର୍ଭୂତ ହେଲାଣି । ଧୂମପାନ ପରି ଏଇ ଖାଦ୍ୟସାରୁଟ ପ୍ରସାରକୁ ଯଦି ନିୟନ୍ତ୍ରଣ କରା ନ ଯାଏ, ତେବେ ଏଇ ବିପଦ ଆମକୁ କବଳିକ କରିବା ନିଶ୍ଚିତ । ଭାରତୀୟ ଆୟୁର୍ବେଦ ସଂପର୍କିତ ଏକ ପ୍ରସିଦ୍ଧ ପ୍ରାଚୀନ ସଂସ୍କୃତ ଗ୍ରନ୍ଥରେ ବେଦ ବିଦ୍ୟେ ଅଶ୍ୱିନୀ କୁମାର ଦ୍ୱୟ ଏକ ଶୁକପକ୍ଷୀ ରୂପ ଧାରଣ କରି ଉଡ଼ିଉଡ଼ି ଲେକୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ଏଇ ପ୍ରଶ୍ନଟି ପଚାରିବାରେ ଲାଗନ୍ତି: ''କୋଽରୁକ୍ ? କୋଽରୁକ୍ ? କୋଽରୁକ୍ ?'' ପ୍ରଶ୍ନଟିର ଅର୍ଥ ହେଉଛି: ''କଃ ଅରୁକ୍'' ବା ''କିଏ ନିରୋଗ ?'' ପକ୍ଷୀଟି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପଣ୍ଡିତ ଓ ଖ୍ୟାତନାମା ବୈଦ୍ୟମାନଙ୍କୁ ମଧ୍ୟ ଏଇ ସରଳ ପ୍ରଶ୍ନଟି ପଚାରିଥିଲେ ଯେଉଁ, ଜାହାରି ଉତର ଠାକୁ ସନ୍ତୁଷ୍ଟ କରିପାରେ ନାହିଁ । ଶେଷରେ ପକ୍ଷୀଟି ଯାଇ ପହଞ୍ଚେ ଏକ ବୃକ୍ଷ ତଳେ ଧ୍ୟାନରତ ଥିବା ଋଷି ବାଗ୍‌ଭଟଙ୍କ ପାଖରେ, ଯାହାଙ୍କର ଉତର ପକ୍ଷୀଟିରୂପୀ ଦେବ ବୈଦ୍ୟ ଦ୍ୱୟଙ୍କୁ ସଂପୂର୍ଣ୍ଣ ରୂପେ ସନ୍ତୁଷ୍ଟ କରିଥାଏ । ବାଗ୍‌ଭଟ ପକ୍ଷୀଟିର ସରଳ ପ୍ରଶ୍ନ ''କୋଽରୁକ୍ ?''ର ଯେଉଁ ଉତ୍ତର ଦେଇଥିଲେ, ତାହା ଥିଲା ଅନୁରୂପ ଭାବରେ ସରଳ- ଚିନିଟି ମାତ୍ର ଶବ୍ଦ । ସେ ଶବ୍ଦ ତିନିଟି ହେଲେ: ''ହିତଭୁକ୍'', ''ମିତଭୁକ୍'', ''ଋତଭୁକ୍'' । ସେଇ ବ୍ୟକ୍ତି ନିରୋଗ ହୋଇଥାଏ, ଯିଏ ହିତକାରକ ଖାଦ୍ୟ ଖାଇଥାଏ, ମିତାହାର କରିଥାଏ ଓ ନିର୍ଦ୍ଦିଷ୍ଟ ଋତୁରେ ଉପଲବ୍ଧ ଖାଦ୍ୟ ଖାଇଥାଏ । ଅର୍ଥାତ୍ ଖାଦ୍ୟରେ ସଂଯମ ହେଉଛି ନିରୋଗ ରହିବାର ବାଟିକାଠି । ଭାରତୀୟମାନେ ପ୍ରାଚୀନ କାଳରୁ ସୁସ୍ଥ ରହିବାର ଏଇ ସରଳ କୌଶଳ ଆବିଷ୍କାର କରିସାରିଥିଲେ ହେଁ, ସେମାନଙ୍କର ଆଜିର ଖାଦ୍ୟାଭ୍ୟାସ ଯେଉଁଭଳି ଏହି ବାଗ୍‌ଭଟୀୟ ଆଦର୍ଶ ଠାରୁ ବୁହ ବେଗରେ ଦୂରେଇ ଯିବାକେ ଲାଗିଛି, ତାହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ତାହା ଯେ ସେମାନଙ୍କ ପାଇଁ ଘୋର ବିପଜ୍ଜନକ ହୋଇପଡ଼ିଲାଣି, ବର୍ତମାନର ଚିତ୍ର ଉପରେ ଏକ କ୍ଷିପ୍ର ନଜର ପକାଇଲେ ସେ ବିଷୟରେ କୌଣସି ସନ୍ଦେହ ରହି ନ ଥାଏ । ଭାରତୀୟମାନଙ୍କର ଖାଦ୍ୟ ସଂଯମର ଧ୍ୱଂସ ସାଧନ ପାଇଁ ବିଭିନ୍ନ କାରଣ ଦାୟୀ ହୋଇଥିଲେ ହେଁ, ଯେଉଁ ଗୋଟିଏ ଶ୍ରେଣୀର ଖାଦ୍ୟ ପ୍ରତି ସେମାନଙ୍କର ଦୁର୍ବଳତାଟି ଲାଳସା ହେଉଛି ମୁଖ୍ୟ ଅପରାଧୀ, ତାହା ହେଉଛି ଆଜି ବଜାରରେ ବ୍ୟାପକ ଭାବରେ ଉପଲବ୍ଧ ବିଭିନ୍ନ କିସମର ଅତି-ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥମାନ (ଅଲ୍ଟ୍ରା-ପ୍ରସେସ୍‌ଡ ଫୁଡ୍‌ସ) ବା (''ୟୁପିଏଫ୍'), ଯେଉଁଗୁଡ଼ିକର ବାର୍ଦ୍ଧ ତାଲିକାରେ ଅନ୍ତର୍ଭୁକ୍ତ ମୃଦୁପାନୀୟଗୁଡ଼ିକ ଆରମ୍ଭ କରି ଚିପ୍‌ସ, କୁକିଜ୍, ଚକୋଲେଟ୍ ବା ଆଇସକ୍ରିମ୍, ପ୍ୟାଷ୍ଟ୍ରି, ପ୍ରୋଜନ୍ ପିଜା, ଇନ୍‌ଷ୍ଟାଣ୍ଟ ନୁଡଲ୍‌ସ, ଇନ୍‌ଷ୍ଟାଣ୍ଟ ସୁପ୍, ସସେଜ୍, କେଚପ୍, ମାୟୋନେସ୍, ସ୍ପାଇଷ ବହି ଓ ଆହୁରି ଅନେକ ଏଭଳି ପଦାର୍ଥମାନ । ଉପଭୋକ୍ତାଙ୍କ ପାଇଁ ମୁଖ୍ୟତଃ ଦୁଇଟି ଆକର୍ଷଣୀୟ ପ୍ରାଧାନ୍ୟ ଦେଇ ଙ୍କପାନିମାନେ ଏଗୁଡ଼ିକର ଉତ୍ପାଦନ କରିଥାନ୍ତି: ସ୍ୱାଦ ଓ ସୁବିଧା । ସ୍ୱାଦ ବୃଦ୍ଧି ପାଇଁ ସେମାନେ ଏଥିରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମାତ୍ରାରେ ଚର୍ବି, ଚିନି ଓ ଲୁଣ ଆଦି ବ୍ୟବହାର କରିବା ସହିତ ସୁବିଧା ପାଇଁ ଅଧିକ କାଳ ନଷ୍ଟ ନ ହୋଇ ସାଇତା ଯାଇପାରିବା ଭାଗି ସଂରକ୍ଷଣକାରୀ ରାସାୟନିକ ପଦାର୍ଥମାନ ବ୍ୟବହାର କରାଯାଇଥାଏ । ଏଭଳି ଖାଦ୍ୟରେ ସ୍ୱାସ୍ଥ୍ୟପ୍ରଦ ତତ୍ତ୍ୱଜାତୀୟ ପଦାର୍ଥ ଓ ମୌଳିକ ପୋଷକତତ୍ତ୍ୱ ପ୍ରାୟ ସଂପୂର୍ଣ୍ଣ ରୂପେ ଅନୁପସ୍ଥିତ ଥିବା ଦେଖାଯାଇଥାଏ । ଭାରତୀୟମାନଙ୍କର ଆୟରେ ଘଟି ଚାଲିଥିବା ବୃଦ୍ଧି ଓ ଜୀବନଶୈଳୀରେ ଘଟି ଚାଲିଥିବା ଦ୍ରୁତ ପରିବର୍ତନ ସହିତ ତାଳ ଦେଇ ଏଇ ଅତିକରକ ଖାଦ୍ୟପଦାର୍ଥମାନଙ୍କର ଚାହିଦାରେ ବିଭିନ୍ନ ତୀକ୍ଷ୍ଣ ବୃଦ୍ଧି ଘଟିବାରେ ଲାଗିଛି, ତାହା ୨୦୨୫-୨୬ର ଅର୍ଥନୈତିକ ସର୍ବେକ୍ଷଣ('ଇକୋନୋମିକ୍ ସର୍ଭେ୨୦୨୫-୨୬')ରୁ ଜଣାପଡ଼ିଥାଏ । ଏହା ଅନୁସାରେ ୨୦୦୯ରୁ ୨୦୨୩ ମଧ୍ୟରେ ଭାରତରେ 'ୟୁପିଏଫ୍'ଗୁଡ଼ିକର ବିକ୍ରୟରେ ୧୫୦ ଶତାଂଶରୁ ଅଧିକ ହାରରେ ବୃଦ୍ଧି ଘଟିଛି । ବିଡିଆଡିଆ ନାମ ?ାନେ ଏକମତ ଯେ ଭାରତରେ ଦେଖାଯାଉଥିବା ବ୍ୟାପକ ମେଦ ବୃଦ୍ଧି, ମଧୁମେହ ଓ ଅନ୍ୟାନ୍ୟ ଅଣ-ସଂକ୍ରାମକ ବ୍ୟାଧିମାନଙ୍କର ପ୍ରସାରର ଏହା ହେଉଛି ଏକ ମୁଖ୍ୟ କାରଣ । ଲଣ୍ଡନ୍‌ରୁ ପ୍ରକାଶିତ ମର୍ଯ୍ୟାଦାଜନକ ଚିକିତ୍ସାବିଜ୍ଞାନ ଗବେଷଣା ପତ୍ରିକା 'ଦି ଲାନ୍‌ସେଟ୍' ଦ୍ୱାରା 'ୟୁପିଏଫ୍'ମାନଙ୍କ ଉପରେ କରାଯାଇଥିବା ଏକ ଗବେଷଣା ଶୃଙ୍ଖଳାରୁ ଉପଲବ୍ଧ ତଥ୍ୟରାଜି ଏଭଳି ଖାଦ୍ୟସବୁର ମାତ୍ରାଧିକ ଆହାର ସହିତ ମେଦବହୁଳତା, ମଧୁମେହ, ହୃଦ୍‌ରୋଗ, ଶ୍ୱାସପ୍ରଶ୍ୱାସ ବ୍ୟାଧି ଓ ଏପରିକି ମାନସିକ ବ୍ୟାଧି ଆଦିର ନିଶ୍ଚିତ କାର୍ଯ୍ୟ-କାରଣ ସଂପର୍କ ରହିଥିବା ସାବ୍ୟସ୍ତ କରିଥାଏ । ଏଥିରେ ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ସେଇ ୨୦୦୯-୨୩ ସମୟ କାଳରେ ଭାରତରେ ମେଦବହୁଳତାର ଉପସ୍ଥିତିରେ ଦୁଇ ଗୁଣ ବୃଦ୍ଧି ଘଟିଥିବା ସର୍ବେକ୍ଷଣରୁ ଜଣାପଡ଼ିଛି । ସେସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ(୨୦୧୯-୨୧) ଅନୁସାରେ ଭାରତରେ ମହିଳାମାନଙ୍କ ମଧ୍ୟରୁ ୨୪ ଶତାଂଶ ମେଦବହୁଳ ହୋଇଥିବା ବେଳେ ୨୩ ଶତାଂଶ ପୁରୁଷଙ୍କ ଠାରେ ଏହା ପରିଲକ୍ଷିତ ହୋଇଥାଏ । ଏଇ ସମସ୍ୟା ଯେ କେବଳ ବୟସ୍କମାନଙ୍କ ମଧ୍ୟରେ ସୀମିତ ନ ରହି କ୍ରମେ ଦେଶର ଭବିଷ୍ୟତ ଶିଶୁମାନଙ୍କୁ ମଧ୍ୟ ଗ୍ରାସ କରିବାକୁ ଆରମ୍ଭ କଲାଣି, ତା'ର ପ୍ରମାଣ ସ୍ୱରୂପ ୨୦୧୫-୧୬ରେ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରୁ ୨.୧ ଶତାଂଶଙ୍କ ଠାରେ ମେଦବହୁଳତା ଦେଖାଯାଇଥିବା ବେଳେ, ୨୦୧୯-୨୧ରେ ତାହା ୩.୪ ଶତାଂଶକୁ ବୃଦ୍ଧି ପାଇଥିଲା । 'ଦି ଡ଼ିଲିନ୍ ଡେସେଟିଟ ଅଫ୍‌ଲାସ୍ ୨୦୨୪' ଦ୍ୱାରା ପ୍ରକାଶିତ ସୂଚନା ଅନୁସାରେ ୨୦୨୦ରେ ପ୍ରାୟ ସାଢ଼େ ତିନି କୋଟି ଭାରତୀୟ ଶିଶୁଙ୍କ ଠାରେ ମେଦବହୁଳତା ଉପସ୍ଥିତ ଥିଲା । ଚିକିତ୍ସାବିଜ୍ଞାନୀମାନେ କହନ୍ତି ଯେ ଶୈଶବର ମେଦବହୁଳତା ପରବର୍ତୀ ସମୟରେ ପୁଣି ଆତ୍ମପ୍ରକାଶ କରିଥାଏ । ୨୦୩୫ ବେଳକୁ ଯେହେତୁ ଭାରତରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ପ୍ରାୟ ୮.୫ କୋଟି ହେବ ବୋଲି ପୂର୍ବାନୁମାନ ପ୍ରକାଶ ପାଇଛି, ଏହା ଭାରତ ପାଇଁ ଏକ ମେଦବହୁଳ ଭବିଷ୍ୟତ ଅର୍ଥାତ୍ ଏକ ରୁଗ୍‌ଣ ଭବିଷ୍ୟତ ନିଶ୍ଚିତ କରିବାକୁ ଯାଉଛି ବୋଲି ଚିନ୍ତିତ ଭାବେ ଭୁଲ୍ ହେବ ନାହିଁ । ଏହାର ଚିନ୍ତାଜନକ କୁପରିଣାମ ସ୍ୱରୂପ ଚିକିତ୍ସା ବ୍ୟୟରେ ବୃଦ୍ଧି, ଭାରତୀୟମାନଙ୍କର ଉତ୍ପାଦନଶୀଳତାରେ ହ୍ରାସ ଏବଂ ରାଜକୋଷ ଉପରେ ଚାପ ବୃଦ୍ଧି ଘଟି ଭାରତର ଅର୍ଥନୈତିକ ବିକାଶ ହାସଲ ଉଦ୍ୟମକୁ ଗୁରୁତର ଭାବରେ ବ୍ୟାହତ କରିବ । ସଂକ୍ଷେପରେ କହିଲେ ଅତି ପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟର ପ୍ରସାରଜନିତ ସ୍ୱାସ୍ଥ୍ୟ ହାନି ବର୍ତମାନ ଏକ

'ପଟ୍ଟନାୟକ ଆଜ୍ଞା କିତାବୀ ଭାଷା କହୁଛନ'

ଓଡ଼ିଶା ସରକାରଙ୍କ ଡିପିଆଇ କାର୍ଯ୍ୟାଳୟରୁ ନିଯୁକ୍ତି ପତ୍ର ପାଇ, ମୁଁ ପଟ୍ଟାୟତ କଲେଜ, ବରଗଡ଼ରେ ଆଚ୍‌ହକ୍ ଓଡ଼ିଆ ଅଧ୍ୟାପକ ରୂପେ ଯୋଗ ଦେବା ପାଇଁ ୧, ସେପ୍ ?ମ୍ବର, ୧୯୭୮ ସାଲରେ ଜଟକରୁ ବସ୍ ଯୋଗେ ଯାତ୍ରା କରେ । ପର ଦିନ ଭୋରୁଭୋରୁ ସେଠି ପହଞ୍ଚି ଯାଏ । ବସ୍‌ରୁ ଓହ୍ଲାଇବା କ୍ଷଣି, ଜଣେ ରିକ୍‌ସାବାଲା ପଚାରେ: ''ଗଳେ ମାମାର ଭଡିକି ଦେଁ!'' ମୁଁ କିଛି ବୁଝି ନ ବୁଝିଣୁ, ବସ୍ ?ର ଲ୍ଲିନର ବସ୍-ଛାତକୁ ଯାଇ ମୋର ଟିଣ ବାକ୍‌ସ ଓ ବେଡିଂ ରିକ୍‌ସାବାଲା ହାତକୁ ବଢ଼ାଇ ଦିଏ । ସେତେବେଳେ, ବରଗଡ଼ ସମ୍ବଲପୁର ଜିଲ୍ଲାର ଏକ ସବ୍‌ଡିଭିଜନ । ସଳାଳ ପରିବେଶରେ ଶକ୍ଷାଥଶା ଲାଭୁଥିବାରୁ ମୁଁ ତା' ଦୋକାନ ପାଖରେ ରିକ୍‌ସା ଅଟକାଏ । ତା' ଦୋକାନୀ ପଚାରେ ଗୁରସ(ଗୋରସ) ଚା' କେଁ ? ମୋ ମୁଣ୍ଡ ଟାଙ୍ଗୁଲାରେ ସେ ସମଝି ଯାଇ ଚା' ବଢ଼ାଇ ଦିଏ । ମୋର ମନେ ପଡ଼ିଯାଏ, ବେଶିର ପାଣିଙ୍କ 'ରଙ୍ଗସଭା' ଗୀତିନାଟ୍ୟର ଗୋପାଙ୍ଗନା ବୋଲୁଥିବା ଗୀତରେ 'ଗୋରସ' ଶବ୍ଦର ବ୍ୟବହାର । ବରଗଡ଼ରେ ଯାହାକୁ ଗୁରସ କୁହାଯାଏ, ମୋ ଜନ୍ମସ୍ଥାନ ଓ ପରିବେଶରେ ତାହା ଦୁଧ ରୂପେ ଜଣାଶୁଣା । କେବଳ ଝୁଲପୁରୋହିତ ଶ୍ରାଦ୍ଧ ଦିନ ଘରେ ତାହାକୁ କ୍ଷୀର କହିଥାନ୍ତି । ଜଗନ୍ନାଥ ସାରଳା ଭାରତରେ ଦଶମ ଷଣ୍ଢରେ ଦୁଧ, କ୍ଷୀର ଓ ଗୋରସ ଶବ୍ଦର ବ୍ୟବହାର ହୋଇଥିବା ମୁଁ ଜାଣିଥାଏ । ସାରଳା ମହାଭାରତରେ ମଧ୍ୟ ଗୋରସ ଶବ୍ଦ ବ୍ୟବହାର ହୋଇଛି । ଯେପରି, ''ଅନେକ ଗୋରସ ପାକ ପିଠା ଅସଣିତ / ଭୋଜନେ ତ୍ରିପୁଡ଼ି ହୋଇଲେ ପବନର ସୁତ ।'' (ସର୍ବପର୍ବ- ୧ମ ଖଣ୍ଡ, ପୃ- ୨୩୮) ବରଗଡ଼ରେ ରହିବା କାଳରେ 'ଗୁରସ'ର ବ୍ୟାପକ ଭୋଜ-ବ୍ୟବହାର ଦେଖି ମୁଁ ସାରଳା ଭାରତଙ୍କ ପରିଚାଳକୀ ମନୋବଣ୍ଡା ଆକଳନ କରିଛି । ଏଠି, ସେମିତି ଲୋକମାନଙ୍କ ଦ୍ୱାରା ଆଉ ଗୋଟିଏ ଆଂଚଳିକ ଶବ୍ଦ ବ୍ୟବହୃତ ହୁଏ; 'ମାଇଝି' । ଏହାର ଅର୍ଥ ପତ୍ନୀ ବା ସ୍ତ୍ରୀ ଜାତି । ପ୍ରାୟ, ଏହି ପ୍ରକାର ଶବ୍ଦ ସାରଳା ମହାଭାରତରେ ବିବାହ ଉପଯୋଗୀ କନ୍ୟା ଅର୍ଥରେ ବ୍ୟବହୃତ । ଶବ୍ଦଟି ହେଉଛି 'ମାଇଝିଅ' । ପାଶ୍ଚବମାନେ ଦ୍ରୋପଦୀଙ୍କ ସହ ଗଢ଼ବ୍ରତ ପର୍ବତରୁ ଯାଇ ଜାଳନ୍ଦି ବନସ୍ଥରେ ପହଞ୍ଚିବା ପରେ ଜେଣୀ ଦାନବର ଭଉଣୀ ଜାଳନ୍ଦି(ଜଟାସୁର ଭୁଇଁଦା) ଭୀମଙ୍କୁ ବାହା ହେବା ପାଇଁ ତାଙ୍କ ପଛେପଛେ ଗୋଡ଼ାଇଲା । ଏହାକୁ ନେଇ କବିଙ୍କ ଭାଷାରେ ଭୀମ-ନକୁଳ ସମ୍ବାଦ: ''ଭୀମସେନ ବୋଇଲା ତୁ ଶୁଣସି ନକୁଳ / ଯେ ମାଇଝିଅ ଗୋଟିକୁ ତୁ ନେଇଣ ସମ୍ବାଳ !'' (ବନପର୍ବ- ୨ୟ ଖଣ୍ଡ, ପୃ- ୩୪୩) ପୁଣି ପ୍ରସଙ୍ଗକୁ ଫେରିବା । ମୁଁ ପଟ୍ଟାୟତ କଲେଜରେ ଯୋଗ ଦେଲି । ମୋତେ ମିଶାଇ ଓଡ଼ିଆ ବିଭାଗରେ ପାଞ୍ଚ ଜଣ ଅଧ୍ୟାପକ ହେଲୁ । ଏଠିକାର ଲୋକଭାଷା ସମଝିବାରେ ମୁଁ ଆଗ୍ରହୀ ହେଲି । ଏଠାରେ ପୁଅକୁ 'ବାବୁ' ଓ ଝିଅକୁ 'ବୁଇ' ଅଥବା 'ନନି' ସମ୍ବୋଧନ କରାଯାଏ । ସେଠି ପହୁଞ୍ଚିବା କାଳରେ ଶୁଣୁଥିଲି ଯେ ଛାତ୍ରଛାତ୍ରୀଏ ପରସ୍ପର ମଧ୍ୟରେ କିମ୍ବା ଅନ୍ୟ କାହା ପାଖରେ ମୋର ପରିଚୟ ଏହିଭଳି ଦେବାଥାନ୍ତି- ''ଓଡ଼ିଆରେ ପଟ୍ଟନାୟକ ଆଜ୍ଞା ଆସିଛନ୍, କିତାବୀ ଭାଷା କହୁଛନ ।'' ଏହାର ଅର୍ଥ ମୋ ଭାଷା ହେଉଛି କିତାବ ବା ଓଡ଼ିଆ ବହିର ଭାଷା, ଲାଇବ୍ରିର ନା, ସେମାନେ ଯେଉଁଭି ଭାଷା କହନ୍ତି ଏହା ତା' ଠାରୁ ନିଆରା । ମୋ ଘର ଅବିଭକ୍ତ ଜଟକ ଜିଲ୍ଲାନ୍ତର୍ଗତ ଏକ ମଫସଲ ଗାଁ । ସେଠିକାର ଲୋକ ବ୍ୟବହୃତ ଭାଷା ଅଂଚଳ ଦୃଷ୍ଟିରୁ ନିଆରା । ଭୂଗୋଳ ଦୃଷ୍ଟିରୁ ଓଡ଼ିଆ ଯେଉଁଭି ବିଚିତ୍ର, ଆଂଚଳିକ ସ୍ତରରେ ସଂସ୍କୃତି ଓ ଭାଷାର ବିବିଧତା ଦୃଷ୍ଟିରୁ ଓଡ଼ିଶା ସେହିଭଳି ଏକ ବିସ୍ମୟକର ପ୍ରବେଶ । ବରଗଡ଼ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ରିକ୍‌ସାବାଲାର ଭାଷା ବୁଝି ପାରି ନ ଥିଲି । ତେବେ, କଥିତ ଭାଷାର ଭିନ୍ନତା ସତ୍ତ୍ୱେ ଛାତ୍ରଛାତ୍ରୀ ଓ ସେଠିକା ବଜାରଘାଟର ଲୋକେ ଯେଉଁଭି ଆବେଗ, ଶ୍ରଦ୍ଧା ଓ ସମ୍ମାନ ଜଣାଣ୍ଡି ଭଚାରଣ ଓ ଆଚରଣରେ ତାହା ଏକ ସୁଖ୍ୟ ମୋର ସ୍ମୃତିରେ ଝଲସୁଛି । ଏକଦା ବି.ଏ. ଓଡ଼ିଆ ସମ୍ମାନ ଶ୍ରେଣୀରେ 'ବିଦଗ୍ଧ ଚିନ୍ତାମଣି' ଭାବ୍ୟ ପଢ଼ାଉଥାଏ । ତହିଁର ପ୍ରଥମ ଛାନ୍ଦରେ ଗୋଟିଏ ପଦ ଥାଏ- ''ଉର୍ଦ୍ଧନାଭିବତ ଖେଳୁ ଲଜ୍ଜାଶକ୍ତି ବଳେ / ଭଲବ ହୋଇ ତୁ ଧର୍ମ ସ୍ଥାପୁ ଜାଳେଜାଳେ !'' 'ଉର୍ଦ୍ଧନାଭ' କହିଲେ କୁଡ଼ିଆଶି- ଏ ଅର୍ଥରୁ ଛାତ୍ର-ଛାତ୍ରୀଏ କିଛି ବୁଝି ନ ପାରିବା ମୋର ହୃଦ୍‌ବୋଧ ହେଲା । ସେହି ଅଂଚଳର ଜଣେ ଅଧ୍ୟାପକ ବନ୍ଧୁଙ୍କ ଠାରୁ ଜାଣିଲି, ସେଠାରେ କୁଡ଼ିଆଶିକୁ କହନ୍ତି 'ମଳ୍‌ରଲା' ବା 'ମଳରା' । ଏହା ପର ଠାରୁ ସେହି ଅଂଚଳର ଭାଷାରେ କହାଯାଉଥିବା ଅନେକ ବସ୍ତୁର ନାମ ଶିଖିଲି; ଯେପରି, ପିଢୁଳିକୁ ମାୟା, ଅମୃତଭଣ୍ଡାକୁ ଅମୃତମଡ଼ା, ଶିମ୍ବୁକୁ ଝଟା, ବିଲାଡି ବାଇଗଣକୁ ପାଚଳଘଟା, ପିଆଜକୁ ଓଲି, ଛୋଟ ମାଛକୁ ଝୁଟି, ଖାସି ମାଂସକୁ ସିକାର, ପୁରୁଣାକୁ ଜୁନାର, ଛେନାକୁ ପୁସି, ନମସ୍କାରକୁ ଜୁହାର, ମଣାଳୁ ଜୁସୁସର, ଦେଖାସାକ୍ଷାତକୁ ଭେଟସାର ଇତ୍ୟାଦି । କିଛି ଦିନ ଟାଉନ ହଷ୍ଟେଲରେ ରହିବା ପରେ କଲେଜ କୋଠ୍‌ରେ ଥିବା ପୁଣ୍ୟାମୟୀ କୃତାର୍ଥି ଆଚାର୍ଯ୍ୟଙ୍କ ରଙ୍ଗଘର ମେସ୍‌ରେ ରହିଲି । ମେସ୍‌ର ପୂର୍ବ ପଟ(ରାସ୍ତା ସେପାଖ) ଘର ବାରଣ୍ଡାରେ ଜଣେ ବୟସ୍କ ଭଦ୍ରବ୍ୟକ୍ତି ବଜାଜିରେ ବସିଥାନ୍ତି । ପ୍ରାୟ ଦିନ ୪ଟାରେ କଲେଜରୁ ଫେରିବା ବେଳକୁ ମୋତେ ଆଦରରେ ଡାକନ୍ତି । ପାଖ ବଜାଜିରେ ବସାନ୍ତି । ଜଳଖିଆ ଖୁଆନ୍ତି, ଚା' ପିଆନ୍ତି । 'ଭାଗବତ', 'ମଥୁରା ମଙ୍ଗଳ', 'ତପସ୍ୱିନୀ'ର ମୁଖସ୍ଥ ପଦ ଆବୃତ୍ତି କରନ୍ତି । ଭଲୟ ଆଲୋଚନା କରୁ । ତାଙ୍କ ନାଁ ଭୁଲି ଯାଇଛି, ସାଙ୍ଗିଆ ଦାଶ । ଅତ୍ୟନ୍ତ ଓଡ଼ିଆ ସାହିତ୍ୟ ରସିକ । ସେଠିକାର ହାଟପଦାରେ ପୁଷ୍ପ ମାସରେ ମୁକ୍ତ ରଙ୍ଗମଂଚରେ ହେଉଥିବା 'ଧନୁଯାତ୍ରା'ରେ ଚରିତ୍ରମାନଙ୍କ ମୁହଁରୁ ଓଡ଼ିଆ ଛାନ୍ଦ, ଚଉପଦୀ, ସଂଳାପ ପୁଣି ଦୁଇ ବର୍ଷ ଯାଇ ଶୁଣିଛି ଓ ଉପଲବ୍ଧ କରିଛି । ଜଣେ ଦାସ ଦାସୀଙ୍କ, ଅନୁଚର, ଦେବତା, ରାମ-କୃଷ୍ଣଙ୍କ ଅଭିନୟ ଦେଖି ଅଭିଭୂତ ହୋଇଛି । ହଁ, ଆଉ ଗୋଟେ ମଜା କଥା । ସେଠି ଅବିବାହିତଙ୍କୁ 'ଠେଙ୍ଗଆ' କୁହାଯାଏ । ଏହି ଅତବାବରୁ ମୁଁ ମୁକ୍ତ ହେଲି ୧୯୭୯ ମସିହାରେ । ପତ୍ନୀ ଶାନ୍ତିଲତା ସହ ଗୋଦିଯାପାଲ୍ଲୀରେ ଘର ଭଡ଼ା ନେଇ ରହିଲି । ଘରକୁ ଫୁଅକୁ ଗରିଆରେ ପାଣି ଆଣି ଯୋଗାଇବାକୁ ମଝି ବୟସ୍କା, ପତଳା, ଶ୍ୟାମଳା ନରିହାଣୀ ଜଣେ ଆସେ । ସେଠିକା ଭାଷାର କେତେ ନା କେତେ ଗୀତ ବୁଲ(ମୋ ପତ୍ନୀ)କୁ ଶୁଣାଏ । ଏହି ସମୟକୁ ଗାଡ଼ିମୋଟରରେ 'ରଙ୍ଗଚଡା' ଗୀତର ରେକର୍ଡ ବାଜିବା ଆରମ୍ଭ ହୋଇଥାଏ । ସେଠିକା ଭାଷାରେ ବଜାରଘାଟରେ କଥା ହେବାର ଅଭ୍ୟାସ ହୋଇ ଯାଇଥାଏ ମୋର । ସେଠିକାର ଆଂଚଳିକ ଭାଷା ଯେ କେତେ ମିଷ୍ଟ, ଲଳିତ, ମନୋହର ଓ ଅଳା-ଅପଯୋଗୀ ତାହା ପ୍ରକାଶ କରି ହେବ ନାହିଁ ଭାଷାରେ । କେବଳ ଜାଣି ହେବ ଅନୁଭବରେ । ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ନିୟମିତ ଚାକିରି ପାଇଁ ଯୋଗ୍ୟ ବିବେଚିତ ହେବା ପରେ ମୁଁ ଅଗଷ୍ଟ, ୧୯୮୦ରେ ସରକାରୀ ମହାବିଦ୍ୟାଳୟ ଅନୁଗୁଳକୁ ବଦଳି ହୋଇ ଆସେ । କିନ୍ତୁ ଅପଯୋଗୀ ହୋଇ ରହିଯାଏ ବରଗଡ଼ର ବାଟୁ ଓ ବୁଇ(ଛାତ୍ର ଓ ଛାତ୍ରୀ)ମାନଙ୍କର ସ୍ନେହବୋଳା ଠାଣିର ଉଚାରଣ, ''ପଟ୍ଟନାୟକ ଆଜ୍ଞା କିତାବୀ ଭାଷା କହୁଛନ'' । ବିଦିଧ ଭାଷା ଓ ସଂସ୍କୃତିର ବିଚିତ୍ରାକୁ ଓଡ଼ିଶା ତଥା ଓଡ଼ିଶା ବାହାରେ ଜନ-ଅପଯୋଗ୍ୟ କଲାଇବା ପାଇଁ 'ଶବ୍ଦ-କୋଷ' ପ୍ରଣୟନ ଯେ ଜରୁରି ତାହା କହିବା ଅନାବଶ୍ୟକ । ଯେଉଁଥିରେ ସ୍ଥାନ ପାଇବ କେଉଁଠେଁଠି ଅଂଚଳରେ ତରଜାରି ଉପଯୋଗୀ ପରିବାକୁ ଜ'ଣ କହାଯାଏ; ଯେମିତି କଖାରୁ, ବୋଇଚି ଭଣ୍ଡା, ମାଖନ; ସଜନା ଛୁଇଁ ଓ ମୁନ୍‌ଗା; ବଡାଶିରି ଗୁଣ୍ଡା; ବରଗୁଡ଼ି, ଝୁଲା ଓ ଝୁମ୍ପଗା ଇତ୍ୟାଦି । କିନ୍ତୁ, ଓଡ଼ିଶା ସରକାରଙ୍କ ବିନା ସହଯୋଗରେ, କେତେ ଜଣ ଅଭିଜ୍ଞ ଓଡ଼ିଆ-ଅନୁରାଗୀ ଶିକ୍ଷିତ ବ୍ୟକ୍ତିଙ୍କ ପରିଶ୍ରମରେ ଏଭଳି 'ଶବ୍ଦ-କୋଷ'ର କଳ୍ପନା ଆକାଶ କୁସୁମ ତୁଲ୍ୟ ।

'ବେଙ୍ଗାଲୁରୁ, ବାପୁ ଓ ବିରଚିଂ ନିହାଲ'...

ଏକ ଜାତୀୟ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିବା ପାଇଁ, ଗତ କିଛି ଦିନ ତଳେ ବେଙ୍ଗାଲୁରୁସ୍ଥିତ ଜାତୀୟ ଦୁଗ୍ଧ ?ଧ ଅନୁସନ୍ଧାନ ସଂସ୍ଥାକୁ ଯିବାର ସୁଯୋଗ ମିଳିଲା । ଯେଉଁ ଜାତୀୟବର୍ଷ, ଆଜିର ବିଶ୍ୱର ସର୍ବଶ୍ରେଷ୍ଠ ଦୁଗ୍ଧ ଉତ୍ପାଦନକାରୀ ଦେଶ ରୂପେ ଗୌରବର ବାନା ଉଡ଼ାଉଛି, ସେହି ଦୁଗ୍ଧ ?ଧ ବିପ୍ଳବର ବୀଜ କେବେ ଦିନେ ପଡ଼ିଥିଲା ଏହି ଦୁଗ୍ଧ ଅନୁସନ୍ଧାନ ସଂସ୍ଥା, ବେଙ୍ଗାଲୁରୁରେ । ୧୯୨୩ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ମିଳିଟାରି ଡେରି ଫାର୍ମ, ବେଙ୍ଗାଲୁରୁର ପରିସରରେ 'ଇମ୍ପେରିଆଲ୍ ଇନ୍‌ଷ୍

ମହିଳା ସଶକ୍ତିକରଣ ଏବଂ ଉଦ୍ୟୋଗିତାର ମହୋତ୍ସବ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ

ସମ୍ବଲପୁର,୨୧/୨(ନି/ପ୍):ସମ୍ବଲପୁର ଅଞ୍ଚଳପାଲି ଠାରେ ସ୍ଥିତ ବିର୍ସା ମୁଣ୍ଡା ମଇଦାନ(ପି.ଏଚ୍.ଇ.ଡି ପଡିଆ) ଠାରେ ସାତ ଦିନ ବ୍ୟାପି ଅୟୋଜିତ ମହିଳା ସଶକ୍ତିକରଣର ଏବଂ ଉଦ୍ୟୋଗିତାର ମହୋତ୍ସବ ସୁଭଦ୍ରା ଶକ୍ତି ମେଳା ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଏହି ଅନନ୍ୟ ମହୋତ୍ସବ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ସେମାନଙ୍କର ବିଭିନ୍ନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ନିମନ୍ତେ ଏକ ଭିନ୍ନ ମଂଚ ପ୍ରଦାନ କରିଥିବା ବେଳେ ମହିଳା-ନେତୃତ୍ୱାଧୀନ ବ୍ୟବସାୟଗୁଡ଼ିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ପରିପ୍ରକାଶ ଥିଲା । ହସ୍ତତନ୍ତ, ହସ୍ତଶିଳ୍ପ ଠାରୁ ଆରମ୍ଭ କରି ଜୈବିକ ଖାଦ୍ୟ, ମସଲା ଆଦି ଉଦ୍ୟୋଗିତାର ପ୍ରଦର୍ଶନ କରିଥିଲା । ସନ୍ଧ୍ୟାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ କଳାକାର ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସୂଚନା ଅନୁଯାୟୀ ୧,୪୫,୪୪,୫୭୦ ଟଙ୍କାର ବ୍ୟବସାୟ ହୋଇଛି । ଯାହା କ୍ରେତାମାନଙ୍କ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦଗୁଡ଼ିକର ଅଭୂତପୂର୍ବ ଚାହିଦା ଏବଂ ବୃଦ୍ଧି ପାଉଥିବା ସ୍ୱାବଲମ୍ବିତାକୁ ଦର୍ଶାଉଛି । ସୁଭଦ୍ରା ଶକ୍ତି ମେଳା ୨୦୨୬ କେବଳ ଏକ ପ୍ରଦର୍ଶନୀ ନଥିଲା, ଏହା ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଆର୍ଥିକ ସଶକ୍ତିକରଣ, ଆତ୍ମନିର୍ଭରଶୀଳତା ଏବଂ ସ୍ଥାୟୀ ଜୀବନ ଜୀବିକା ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କର ଏକ ସୁଚିନ୍ତିତ ପଦକ୍ଷେପ ଥିଲା । ସୁଭଦ୍ରା ଶକ୍ତି ମେଳା ୨୦୨୬ କେବଳ ବିକ୍ରୟ ଏବଂ ଅଂଶଗ୍ରହଣରେ ରେକର୍ଡ ସ୍ଥାପନ କରିନାହିଁ, ବରଂ ଭବିଷ୍ୟତ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକ ପାଇଁ ରାସ୍ତା ପ୍ରଶସ୍ତ କରିଛି । ଏହି ଅବସରରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି । ବିକ୍ରୟ, ପ୍ୟାକେଜିଂ, ନବୀନ ଉତ୍ପାଦ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଆଦି ମାନଦଣ୍ଡ ଆଧାରରେ ଏହି ଚୟନ କରାଯାଇଥିବା ବୋଲି ଜିଲ୍ଲା ପରିଷଦ ପକ୍ଷରୁ ସୂଚନା ମିଳିଛି ।ଏହି ସୂଚନା ଅନୁଯାୟୀ ଫାର୍ମ ପ୍ରଡକ୍ଟ ବିକ୍ରୟରେ ଶ୍ରେଷ୍ଠ ବିକ୍ରେତା ନୟାଗଡ଼ ର ମା ମଙ୍ଗଳା, ସୁଯୁମରାର ମା ପିତାବଳୀ ସ୍ୱୟଂ ସହାୟିକା ଗୋଷ୍ଠୀ ଜଟକର ବଡ଼ୟା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନିତ ହୋଇଛନ୍ତି । ନନ୍-ଫାର୍ମ ବିକ୍ରୟରେ ଶ୍ରେଷ୍ଠ ବିକ୍ରେତା ନୟାଗଡ଼ର ବୁଢା ମା ସ୍ୱୟଂ ସହାୟିକା ଗୋଷ୍ଠୀ, ଜଟକର ଜୟ ସୀତାରାମ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମୟୂରଭଞ୍ଜ ର ସାଥୀକୃପା ସ୍ୱୟଂ ସହାୟିକା ଗୋଷ୍ଠୀ ପୁରସ୍କାର ପାଇଁ ଚୟନିତ ହୋଇଛନ୍ତି । ଶ୍ରେଷ୍ଠ ପ୍ୟାକେଜିଂ, ଲେବେଲିଂ ଓ ପ୍ରଦର୍ଶନ ବର୍ଗରେ ମୟୂରଭଞ୍ଜ ର ଜହୁରାରା ସ୍ୱୟଂ ସହାୟିକା ଗୋଷ୍ଠୀ, ମାନେଶ୍ୱର ର ଲିୟସନେନ ସ୍ୱୟଂ ସହାୟିକା ଗୋଷ୍ଠୀ, ଜଳାହାଣ୍ଡି ର ମା ସରସ୍ୱତୀ ପିଜି ପୁରସ୍କାର ପାଇଁ ଚୟନିତ ହୋଇଛନ୍ତି । ଶ୍ରେଷ୍ଠ ଗ୍ରାହକ ବ୍ୟବହାର ଓ ପ୍ରଡକ୍ଟ ବର୍ଣ୍ଣନା ବର୍ଗରେ ଭୁବନେଶ୍ୱରର ଝାଡେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଜେଙ୍ଗାଲିର ଝିମେଚ୍ ଷ୍ଟାର ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଧନଜଉଡା ର ବିତା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନିତ ହୋଇଛନ୍ତି । ନୂତନ ଉତ୍ପାଦ ବର୍ଗ ରେ ମାନେଶ୍ୱରର ବିଶ୍ୱକର୍ମା ସ୍ୱୟଂ ସହାୟିକା ଗୋଷ୍ଠୀ (ଟେରାକୋଟା), ଆଶା ସ୍ୱୟଂ ସହାୟିକା ଗୋଷ୍ଠୀ (ଆର୍ଟିଫିସିଆଲ୍ ଜୁଏଲେରୀ) ଓ ଶିବଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ (ସବାର ଘାସ ହ୍ୟାଣ୍ଡିକ୍ରାଫ୍ଟ) ଚୟନିତ ହୋଇଛନ୍ତି ।ଖୋର୍ଦ୍ଧା ଜିଲ୍ଲାର ଜେରିବଟା ସ୍ୱୟଂ ସହାୟିକା ଗୋଷ୍ଠୀ ଶାଢୀରେ ହାତ ଦ୍ୱାରା ଚିତ୍ରାଙ୍କନ ଓ ବିଭିନ୍ନ ଉତ୍ପାଦ ପ୍ରଦର୍ଶନରେ ଉତ୍କୃଷ୍ଟତା ପାଇଁ ସାମଗ୍ରିକ ଶ୍ରେଷ୍ଠ ଘୋଷିତ ହୋଇଛି ।

୧୨ ଶହ ବୋତଲ ନିଷିଦ୍ଧ କଫ୍ ସିରପ୍ ଜବତ, ୩ ଗିରଫ

ସମ୍ବଲପୁର,୨୧/୨(ନି/ପ୍):ବୁର୍ଲା ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଶୁକ୍ରବାର ଭୋର ସମୟରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନିଷିଦ୍ଧ କଫ୍ ସିରପ୍ ଜବତ କରିବା ସହ ଏଥିରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏ ନେଇ ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ର ଏକ ସାମ୍ବାଦିକ ସଂମ୍ବିଳନୀ ରେ ସୂଚନା ପ୍ରଦାନ କରିଥିଲେ ଓ ଗତ ବିକଳିତ ରାତିରେ ବୁର୍ଲା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଧଳା ରଙ୍ଗର ମାରୁତି ସୁଜୁକି ସୁଇଫ୍ଟ ଡିଜାୟର ଗାଡ଼ିରେ ସମ୍ବଲପୁରରୁ ବୁର୍ଲାକୁ କଫ୍ ସିରପ୍ ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା । ପୋଲିସ କିଛିବା ଛକ ବିଛଟରେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲା, ମାତ୍ର ଅଭିଯୁକ୍ତମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ପୋଲିସ ପିଛା କରି ଅନୁଧାବନ ହଲ୍ ନିକଟରେ ସେମାନଙ୍କୁ ଜାକୁ କରିଥିଲା । ତଲାସି ସମୟରେ ଗାଡ଼ି ଭିତରୁ ୪ଟି ବ୍ୟାଗରୁ ମୋଟ ୧୨ ଶହ ବୋତଲ ଛୋଟିନ ସୁଛ କଫ୍ ସିରପ୍ ଜବତ କରାଯାଇଛି ।ଏହା ସହିତ ଗୋଟିଏ ଧଳା ରଙ୍ଗର ମାରୁତି ସୁଜୁକି ସୁଇଫ୍ଟ ଡିଜାୟର ଗାଡ଼ି, ୩ଟି ବାମୀ ମୋବାଇଲ୍ ଫୋନ୍ ଜବତ ହୋଇଛି । ଏହି କେଶ ରେ ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ବିକି ବିକ୍ରମ ପଟ୍‌ବିହାର (୩୨), ପାଣ୍ଡୁ ଓରଫ ରାଜେଶ ପଟ୍ଟନାୟକ (୩୪), ଚିକିନା ସାହୁ (୩୬) ଓ ଏହି ସମସ୍ତ ଅଭିଯୁକ୍ତ ବୁର୍ଲା ଥାନା ଅନ୍ତର୍ଗତ ବିଭିନ୍ନ ଅଟଂଳର ବୋଲି ଜଣାପଡ଼ିଛି । ଏହି ଚଢ଼ାଉ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ୍ ଏବଂ ଡ଼ୁଗ୍ସ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ କରାଯାଇଥିଲା । ବୁର୍ଲା ପୋଲିସ ଏନଡ଼ିପିଏସ ଆକ୍ଟ ଅନୁଯାୟୀ କେସ୍ ନମ୍ବର ୭୯/୨୦୨୬ ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ।

ନୂଆପଡାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

ନୂଆପଡା, ୨୧/୨(ନି/ପ୍): ନୂଆପଡା ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ସ୍ଥାନୀୟ ପଥ ପ୍ରାନ୍ତ ସୁବିଧା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ-୨୦୨୬ ପାଳନ ସମାରୋହ ଆଜି ଆୟୋଜିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ବାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକମାନଙ୍କୁ ସମ୍ପୂର୍ଣ୍ଣ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ସର୍ବଦା ପ୍ରତିବଦ୍ଧ । ସେ ସେମାନଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ପରାମର୍ଶ ଦେଇ ପ୍ରତ୍ୟେକ ସୋମବାର ଜନଶୁଣାଣି ସମୟରେ ଆୟୋଜିତ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଶିବିରରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ସେଗୁଡିକର ପ୍ରତିକାର ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାସ ସେମାନଙ୍କ ଆଇନ ଗତ ଅଧିକାର ସମ୍ବନ୍ଧରେ ସଚେତନ କରିଥିଲେ । ଜିଲ୍ଲା ଜ୍ରୀତା ଅଧିକାରୀ ରାଜେନ୍ଦ୍ର କୁମାର ବଡାଇ ନିୟମିତ ଯୋଗାଭ୍ୟାସ ଓ ଅନ୍ୟାନ୍ୟ ହାଲୁକା ବ୍ୟାୟାମ କରି ସ୍ୱାସ୍ଥ୍ୟ ଭଲ ରଖିବାକୁ ପରାମର୍ଶ ଦେଇଥିଲେ । ଏସବିଆଇ ନୂଆପଡା ଶାଖାର ମୁଖ୍ୟ ପରିଚାଳକ ଲିଙ୍କନ ଦାସ ସେମାନଙ୍କ ପାଇଁ ବ୍ୟାଙ୍କ ସେବା, ପେନ୍‌ସନ ଓ ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଦେଇଥିଲେ । ସେହିପରି ଜିଲ୍ଲା ଇ-ଶାସନ ପରିଚାଳକ ବିରେନ୍ଦ୍ର ସିଂହ ଦଣ୍ଡସେନା ଡିଜିଟାଲ ସାକ୍ଷରତା ଓ ସାଇବର ସୁରକ୍ଷା ସଚେତନତା ବିଷୟରେ ଉପସ୍ଥାପନା କରିଥିଲେ । ଏହି ଅବସରରେ ଡିଏମଓ ତଥା ସୁପରିଟେଣ୍ଡେଣ୍ଟ ଡା. ଲଳିତ ମୋହନ ବିଶି, ବରିଷ୍ଠ ଆଇନଜୀବୀ ପ୍ରକାଶ ସେନାପତି ସହିତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମାଜରେ ବରିଷ୍ଠ ନାଗରିକଙ୍କ ଅଧିକାର, ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ଆର୍ଥିକ ସୁବିଧା ଓ ଡିଜିଟାଲ ସଚେତନତା ମାଧ୍ୟରେ ସମ୍ମାନଜନକ ଜୀବନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମାରୋହରେ ଜିଲ୍ଲାର ସମସ୍ତ ବ୍ଲକ୍ ରୁ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ ।

ବିଦ୍ୟାଳୟର ବିଜ୍ଞାନାଗାର ପାଇଁ ପୁରାତନ ଛାତ୍ରଙ୍କ ସହଯୋଗ

ସମ୍ବଲପୁର,୨୧/୨(ନି/ପ୍): ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ୧୯୭୬ ମେଟ୍ରିକ୍ ବ୍ୟାଚର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟ ର ଶିକ୍ଷା ଭିତ୍ତିଭୂମି ସୁଦୃଢ଼ୀ କରଣ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ବ୍ୟାଚର ଛାତ୍ରମାନେ ରାଜ୍ୟ ସରକାରଙ୍କ ସଂଚସଖା ଶିକ୍ଷା ସେତୁ ଯୋଜନାରେ ସ୍କୁଲ ବିଜ୍ଞାନଗାରାର ଗ୍ୟାଲେରୀ ନବୀକରଣ ପାଇଁ ପ୍ରଥମେ ୧ଲକ୍ଷ ୭୨ହଜାର ଟଙ୍କା ପ୍ରଦାନ କରିଛନ୍ତି । ଆଜି ପୁରାତନ ଛାତ୍ରମାନେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କୁ ଏକ ଚେକ ମାଧ୍ୟମରେ ଏହି ସହାୟତା ରାଶି ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ପୂର୍ବତନ ଛାତ୍ର ଡ଼ା. ସୁଶୀଲ ଦାଶ,ଡ଼ିଲୋଚନ ଦାସ, ତାପସ ଦାସ, ଉମାଶଙ୍କର ଯୋଶୀ, ସୁଶୀଲ ପାତ୍ରୀ, ଅନୁପ ମିଶ୍ର, ଅଶୋକ ସେନାପତି,ନବୀନ ମିଶ୍ର, ସ୍ୱେଚ୍ଛିତ ବିହାରୀ ବହିବାର ଓ ସମ୍ପ୍ରୀତ ନନ୍ଦ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ଏଥିପାଇଁ ସମସ୍ତ ଛାତ୍ରମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଏପରି କାର୍ଯ୍ୟ ପାଇଁ ଅନ୍ୟ ଛାତ୍ର ମାନେ ମଧ୍ୟ ପ୍ରେରିତ ହେବେ । ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଭଦ୍ରକରେ ଶ୍ରୀରାମକୃଷ୍ଣ ଜୟନ୍ତୀ ପାଳିତ

ଭଦ୍ରକ,୨୧/୨(ନି/ପ୍): ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୀବନ ହେଉଛି ଭାରତ ବର୍ଷର ବୁଢ ହଜାର ବର୍ଷ ସାଂସ୍କୃତିକ ଇତିହାସର ସଂକ୍ଷିପ୍ତ ସଂସ୍କରଣ । ଭାରତ ବର୍ଷର ଅନ୍ତରାତ୍ମା ବିନୋଦି ବଳିଷ୍ଠ ସ୍ତମ୍ଭ ଉପେର ପ୍ରତିଷ୍ଠିତ : ସଂହତି, ସମନ୍ୱୟ ଓ ସହଭାବନା । ଶ୍ରୀରାମକୃଷ୍ଣ ତାଙ୍କ ଜୀବନକାଳରେ ଏହାର ଭୂୟସୀ ଦୃଷ୍ଟାନ୍ତ ଦେଇ ଯାଇଛନ୍ତି । ତାଙ୍କର ବିଖ୍ୟାତ ଉକ୍ତି ଯେତେ ମତ , ସେତେ ପଥ ଏହାର ଉଜ୍ଜ୍ୱଳ ଉଦାହରଣ । ଶ୍ରୀରାମକୃଷ୍ଣ ଥିଲେ ଜଣେ ଜାକ୍ତ ମନ୍ଦିରର ନୈଷ୍ଠିକ ପୂଜାରୀ । ଅଥଚ ନିଜ ଜୀବନକାଳରେ ଚରସାଧନା ଏବଂ ନିବିର୍କଳ୍ପ ସାଧନାରେ ସିଦ୍ଧି ହାସଲ କରିବା ସହିତ ଇସଲାମ ଏବଂ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ଏହା ଆଜି ବିଶ୍ୱାସ କରିହୁଏନା । ସେଇଥିପାଇଁ ସେ ହେଉଛନ୍ତି ଭାରତୀୟ ଅନ୍ତରାତ୍ମାର ମୁକୁର । ଯେମିତି ମାନବ ସମାଜର କଲ୍ୟାଣ ନିମନ୍ତେ ଭଗବାନ ଶ୍ରୀକୃଷ୍ଣଙ୍କର ସର୍ବଶ୍ରେଷ୍ଠ ଉପହାର ହେଉଛି ଶ୍ରୀମଦ୍ ଭଗବତ୍‌ଗୀତା, ସେହି ଭ୍ରମରେ ମାନବ ଜାତିର ଉତ୍ଥାନ ନିମନ୍ତେ ଶ୍ରୀରାମକୃଷ୍ଣଙ୍କର ଅମୂଲ୍ୟ ଅବଦାନ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ତାଙ୍କରି ପ୍ରେରଣାରେ ସ୍ୱାମୀ ବିବେକାନନ୍ଦ ଘୋଷଣା କରିଥିଲେ - ସନାତନ ବୈଦିକ ଧର୍ମ କେବଳ ସତ୍ୟ ଧର୍ମକୁ ବିଶ୍ୱାସ କରେନାହିଁ। ସମସ୍ତ ଧର୍ମକୁ ସତ୍ୟ ବୋଲି ଗ୍ରହଣ କରେ । ଗୁରୁ ଶ୍ରୀ ରାମକୃଷ୍ଣଙ୍କ ପ୍ରେରଣାରେ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ସନାତନ ପରଂପରାର ପ୍ରଥମ ସନ୍ନ୍ୟାସୀ ଯିଏ ସ୍ୱର୍ଗକୁ ତୁଚ୍ଛ କରି ସଂସାରକୁ ଭଲ ପାଇଥିଲେ , ଦେବାଦେବୀଙ୍କ ପୂଜାକୁ ଅଣଦେଖା କରି ଦରିଦ୍ର ଓ ଅସହାୟଙ୍କର ଆରାଧନା କରିଥିଲେ ଏବଂ ବ୍ୟକ୍ତିଗତ ମୋକ୍ଷ ଅପେକ୍ଷା ସାମାଜିକ ଓ ଆର୍ଥିକ ସିଡିର ନିମ୍ନ ପାହାଡରେ ବାସ କରୁଥିବା ବ୍ୟକ୍ତିଙ୍କର ଜୀବନର ମାନ ବୃଦ୍ଧି ନିମନ୍ତେ ସଂକଳ୍ପ ନେଇଥିଲେ । ଖ୍ୟାତନାମା ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଭଦ୍ରକର ଶ୍ରୀରାମକୃଷ୍ଣ ଆଶ୍ରମରେ ଶ୍ରୀରାମକୃଷ୍ଣଙ୍କର ୧୯୦ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ସଭାରେ ବକ୍ତାମାନେ ବିବଗଂତ ରାଖାଲଚନ୍ଦ୍ର ଦାସଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ସ୍ମରଣ କରିବା ସହିତ ଏହି ମତ ପ୍ରକାଶ କରିଛନ୍ତି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ବିଦ୍ୱାନ ପୂର୍ବତନ ଅଧ୍ୟକ୍ଷ ଡଃ ପ୍ରମୋଦ ନାୟକ ଶ୍ରୀରାମକୃଷ୍ଣଙ୍କୁ ଅବତାରୀ ପୁରୁଷ ଭାବେ ଅବତାରଣା କରି ତାଙ୍କ ଦେବାତ୍ମ ବର୍ଣ୍ଣନ ଉପରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ । ଉତ୍ସବର ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ଡଃ ଶିବପ୍ରସାଦ ଖାମୁରାଇ ଶ୍ରୀରାମକୃଷ୍ଣ ପରମହଂସଙ୍କୁ ସର୍ବସ୍ତୁରୁ ଭାବେ ବର୍ଣ୍ଣନା କରିବା ସହ ତାଙ୍କ ସମଗ୍ର ଜୀବନ ଜିପରି ଲୋକକଲ୍ୟାଣ ନିମନ୍ତେ ଉତ୍ସର୍ଗ ଥିଲା, ତାହା ଉପସ୍ଥାପନା କରିଥିଲେ । ପ୍ରାରମ୍ଭରେ ରାମକୃଷ୍ଣ ଆଶ୍ରମ ଟ୍ରଷ୍ଟର ସଦସ୍ୟ ଆଡ଼ଭୋକେଟ ମନୋଜଂଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ଶେଷରେ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ । ଏହି ସମାରୋହରେ ସଙ୍ଗୀତ ଗୁରୁ ଗଙ୍ଗାଧର ଦେହୁରୀ ଏବଂ ଜୟନ୍ତୀ କରଣାର୍ମା ଭକ୍ତି ସଙ୍ଗୀତ ପରିବେଷଣ କରି ସମ୍ପନ୍ନ ପୁଣ୍ଣ କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜଂ ଅଭୟ ପଣ୍ଡା, ଫାଗୁଲ ଭାଇ,ସୁଧାକର ରାଉତ, ବିବେକାନନ୍ଦ ମୁଖାର୍ଜୀ, ଗୋଲକ ବିହାରୀ ସାହୁ ,ପ୍ରମୋଦ କୁମାର ଜେନାଙ୍କ ସେମତ ଭକ୍ତକର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ସରକାରୀ ସେବାରେ ଏଆଇର ପ୍ରୟୋଗ : ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଶିବିର



ଝାରସୁଗୁଡ଼ା,୨୧/୨(ନି/ପ୍): ଓଡ଼ିଶା ସରକାରଙ୍କ ଏଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାଲ୍‌ର ମିଳିତ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କର୍ମଶାଳା ପ୍ରଶାସନିକ ଦକ୍ଷତା ପାଇଁ କୃତ୍ରିମ ବୁଦ୍ଧିମତା ଉପକରଣ (ଏଆଇ) ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ୍ ରୂପାନ୍ତରଣ ଏବଂ ସରକାରୀ କାର୍ଯ୍ୟଧାରାରେ ଅଧିକ ସ୍ୱଚ୍ଛତା ତଥା କ୍ଷିପ୍ରତା ଆଣିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସଂଶ୍ରିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ବିଭିନ୍ନ ବିଭାଗରୁ ଆସିଥିବା ୩୦ରୁ ଅଧିକ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ବିଶେଷ କରି 'ଜେନେରେଟିଭ୍ ଏଆଇ' ଏବଂ 'ଡାଟା ଆନାଲିଟିକ୍ସ' ବ୍ୟବହାର କରି ବିଭିନ୍ନ ସରକାରୀ ଫାଇଲ୍ ପରିଚାଳନା ଓ ଜନସେବା ପ୍ରଦାନ ପ୍ରକ୍ରିୟାକୁ ସହଜ କରାଯାଇପାରିବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । କର୍ମଶାଳାର ପ୍ରାୟୋଗିକ ଅଧିବେଶନରେ ଜିଭନି ଏଆଇ ମାଧ୍ୟମରେ ସ୍ୱୟଂଚାଳିତ ଫାଇଲ୍ ସଂରକ୍ଷଣ, ବଡ଼ ବଡ଼ ଦସ୍ତାବିଜର ସଂକ୍ଷିପ୍ତ ସାରାଂଶ ପ୍ରସ୍ତୁତି ଏବ

ଅବକାରୀ ବିଭାଗ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ମଦ ଦୋକାନରୁ ନକଲି ବିଦେଶୀ ମଦ ଜବତ : ୩ ଗିରଫ

ରାଉରକେଲା,୨୧/୨(ନି/ପ୍ର): ସହରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକରେ ନକଲି ବିଦେଶୀ ମଦ ବିକ୍ରୟ ହେଉଥିବା ଏବଂ ମୁଦ୍ରିତ ଦାମ୍ ଠାରୁ ଅଧିକ ଦାମ୍ ନେଉଥିବା ବହୁ ଅଭିଯୋଗ ପରେ, ରାଉରକେଲା ଅବକାରୀ ଅଧିକ୍ଷକ ଘଟଣାଳୁ ସଜାଗ ନେବା ସହିତ ଓଡିଶା ଅବକାରୀ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ସରପ୍ରାଇଜ୍ ଯାଞ୍ଚ କରାଯାଇଥିଲା । ଏଥିରେ ରାଉରକେଲା ଅବକାରୀ ଇନିସପେକ୍ଟର ଏବଂ ତାଙ୍କ ଟିମ୍ ସହରର ବିଭିନ୍ନ ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ସରପ୍ରାଇଜ୍ ଯାଞ୍ଚ କରିଥିଲେ । ଏହି ଯାଞ୍ଚ ସମୟରେ ଦେଖାଯାଇଥିଲା ଯେ, ସହରର ବିର୍ଦ୍ଦୀ ଛକ ଠାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ଭିତରେ କେତେକ ବ୍ୟକ୍ତି ପଶି ନକଲି ବିଦେଶୀ ମଦ ବ୍ରାଣ୍ଡ ପ୍ରସ୍ତୁତି କରୁଥିବା ଦେଖାଯାଇଥିଲା । ସେଠାରୁ ମିଳିଥିବା ଖାଲି ମଦ ବୋତଲ, ସିଲ୍ କରିବା ପାଇଁ ଠିପି, ବ୍ରାଣ୍ଡ୍ ଲେବୁଲ ଏବଂ ପ୍ୟାକିଂ ପାଇଁ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା । ଏ ବିଷୟରେ ଆଜି ରାଉରକେଲା ଅବକାରୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଅବକାରୀ ବିଭାଗ ଅଧ୍ୟକ୍ଷକ ଝସଚେତନ ବରିହା ଏବଂ ଅବକାରୀ ବିଭାଗ ନିରୀକ୍ଷକ (ଇନିସପେକ୍ଟର) ମୋହନ ପ୍ରଧାନ । ଅବକାରୀ ବିଭାଗ ଅଧ୍ୟକ୍ଷକ ଝସଚେତନ ବରିହା ସୂଚନା ଦେଇଥିଲେ ଯେ, ବିର୍ଦ୍ଦୀ ଛକ ଠାରେ ଥିବା ବିଦେଶୀ ମଦ ଦୋକାନୀଙ୍କର ଆଉ କେତେକ ମଦ ଦୋକାନ ମଧ୍ୟ ରହିଛି । ସେହି ମଦ ଦୋକାନଗୁଡ଼ିକୁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ସହିତ ମଦ ଦୋକାନର କର୍ମଚାରୀମାନଙ୍କ ରହୁଥିବା ସ୍ଥାନରେ ଗତକାଲି ରାତିରେ ମଧ୍ୟ ଯାଞ୍ଚ କରାଯାଇଥିଲା । ସେଠାରୁ କିଛି ନକଲି ସାମଗ୍ରୀ ମିଳିନଥିଲା ବୋଲି ସୂଚନା ଦେଇଛନ୍ତି ଅବକାରୀ ଅଧିକ୍ଷକ ଶ୍ରୀ ବରିହା । ଏଥିସହିତ ସେ ସୂଚନା ଦେଇଥିଲେ ଯେ, ଯେଉଁ ୩ ଅଭିଯୁକ୍ତଙ୍କୁ ବିର୍ଦ୍ଦୀ ଛକରୁ ଗିରଫ କରାଯାଇଥିଲା, ସେମାନଙ୍କୁ ପଚରାଉଚରା କରିବା ପରେ ଜଣାଯାଇଥିଲା ଯେ, ଏଠାରେ ଆବଶ୍ୟକତା ବେଶୀ ହେଉଥିବାରୁ ମଝିରେ ମଝିରେ ସମ୍ବଲପୁରରୁ ଜଣେ ବ୍ୟକ୍ତି ନକଲି ବିଦେଶୀ ମଦ ଠିପି ଲେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ପଠାଉଥିଲେ । ଏହି ଘଟଣା ପରେ ସମ୍ବଲପୁରରେ ମଧ୍ୟ ଯାଞ୍ଚ କରାଯିବା ସହିତ କେତେକ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି । ଏଥିସହିତ ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି ଯେ, ନକଲି ବିଦେଶୀଙ୍କୁ ନେଇ ଏକ ରାଜେଟ୍ ଚାଲୁଥିବା ସନ୍ଦେହ କରାଯାଉଛି ଏବଂ ଏବିଷୟକୁ ନେଇ ଅଧିକ ତଦନ୍ତ ଜାରି ରହିଛି । ବିର୍ଦ୍ଦୀ ଛକରେ ଥିବା ମଦ ଦୋକାନକୁ ସିଲ୍ କରିବିଆଯିବା ସହିତ ଜବତ ହୋଇଥିବା ୩୯ ବୋତଲ ବିଦେଶୀ ମଦକୁ ରାସାୟନିକ ଯାଞ୍ଚ ପାଇଁ ପଠାଯାଇଛି । ଜବତ କରାଯାଇଥିବା ବିଦେଶୀ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ସେ କହିଥିଲେ । ଅବକାରୀ ଅଧିକ୍ଷକ ଝସଚେତନ ବରିହା କହିଥିଲେ, ସନ୍ଦେହ କରାଯାଉଛି ଯେ, ଏଥିରେ ପାଣି ମିଶା ଯାଉଥିଲା ନା ଅନ୍ୟ କୌଣସି ରାସାୟନିକ ଜିନିଷ ମିଶାଇ ପ୍ରସ୍ତୁତ କରାଯାଉଥିଲା । ଯାଞ୍ଚ ରିପୋର୍ଟ ଆସିବା ପରେ ତାହା ଜଣାପଡିବ ଏବଂ ଆବଶ୍ୟକ ହେଲେ ଲାଇସେନ୍ସିଙ୍କ ଲାଇସେନ୍ସ ମଧ୍ୟ ନାକଚ କରାଯିବା ସହିତ ଲାଇସେନ୍ସିଙ୍କ ବିରୁଦ୍ଧରେ ଅବକାରୀ ଆଇନର ଧାରା ୩୨/୪୯/୬୨ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବରିହା ସୂଚନା ଦେଇଛନ୍ତି । ଏହି ଘଟଣାରେ ରାଉରକେଲାରେ ୩ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହିତ ଆଉ ଜଣଙ୍କୁ ସମ୍ବଲପୁରରୁ ଗିରଫ କରାଯାଇଛି, ଯିଏକି ସମ୍ବଲପୁରରୁ ସପ୍ଲାଇ କରୁଥିଲେ ବୋଲି ସୂଚନା ଦେଇଛନ୍ତି ରାଉରକେଲା ଅବକାରୀ ଅଧିକ୍ଷକ ଝସଚେତନ ବରିହା । ରାଉରକେଲାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ ରହିଛନ୍ତି ଛତିଶଗଡ ରାୟପୁର ଜିଲ୍ଲାର ତ୍ରିଷ୍ଣାନଗର ଏବଂ ବର୍ତମାନ ଠିକଣା ଗାନ୍ଧୀ ରୋଡର ସମ୍ବୀତ ସ୍ତୁପ୍ତା (୪୪), ବିହାର ଔରଙ୍ଗାବାଦ ଜିଲ୍ଲା ମଦନପୁରର କୟପ୍ରକାଶ ସ୍ତୁପ୍ତା (୪୫) ଏବଂ ସେ ବର୍ତମାନ ରାଉରକେଲା ଷ୍ଟେସନ ଗୁଡୁଦ୍ୱାର ରୋଡରେ ରହୁଛନ୍ତି, ସେହିପରି ଦ୍ୱାରୀ ଅଭିଯୁକ୍ତ ହେଲେ ଛତିଶଗଡ ବିକାଶପୁର ଜିଲ୍ଲା ସରେଇପାଲିର ଶିବଫିଙ୍ଗ ଗଣ୍ଡ (୩୪) ଏବଂ ସେ ବର୍ତମାନ ରାଉରକେଲା ଷ୍ଟେସନ ରୋଡ୍ ଗୁଡୁଦ୍ୱାର ରୋଡରେ ରହୁଛନ୍ତି ବୋଲି ସୂଚନା ଦିଆଯାଇଛି ।

ମେଡିକାଲ ରିପ୍ରେଜେଣ୍ଟେଟିଭର ଘର ଭିତରେ ସନ୍ଦେହ ଜନକ ମୃତ୍ୟୁ : ହତ୍ୟା ସନ୍ଦେହ

ରାଉରକେଲା,୨୧/୨(ନି/ପ୍ର): ଏକ ଆଶ୍ଚର୍ଯ୍ୟଜନକ ଘଟଣାରେ, ଶନିବାର ସକାଳେ ରାଉରକେଲାର ସିଭିଲ୍ ଟାଉନସିପ୍ ଅଞ୍ଚଳର ଏକ ଭଡା ଘରୁ ଭାରିଗଡ଼ୁ ସାହୁ ନାମକ ଜଣେ ମେଡିକାଲ୍ ରିପ୍ରେଜେଣ୍ଟେଟିଭଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ଏହା ହତ୍ୟା ଘଟଣା ବୋଲି ସନ୍ଦେହ ସୃଷ୍ଟି କରିବା ସହିତ ତଦନ୍ତ କେନ୍ଦ୍ରିକୁ ପାଲଟିଛି । ପ୍ରାଥମିକ ସୂଚନା ଅନୁସାରେ ମୃତକଙ୍କୁ ସନ୍ଦେହଜନକ ଅବସ୍ଥାରେ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ତାଙ୍କ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା, ଯାହା ଫଳରେ ମୃତ୍ୟୁ ହତ୍ୟା ନା ଦୁର୍ଘଟଣାଜନିତ ଘଟଣା ସେ ବିଷୟରେ ସନ୍ଦେହ ସୃଷ୍ଟି କରୁଛି । ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୋଲିସ ଭାରିଗଡ଼ୁଙ୍କ ରୁମରେ ରହୁଥିବା ୨ ଜଣ ରୁମ୍ ମେଟଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା ଜାରି ରଖିଛି । ସୂଚନା ଅନୁଯାୟୀ ଘଟଣା ଘଟିଥିବା ଘରେ ୩ ଜଣ ସାଙ୍ଗ ଭଡାଟିଆ ଭାବରେ ରହୁଥିଲେ । ଘଟଣା ସମୟରେ ଆଉ କେହି ଉପସ୍ଥିତ ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ତଦନ୍ତର ଅଂଶ ସ୍ୱରୂପ ଘର ସହିତ ଜଡିତ ଲୋକଙ୍କୁ ପଚରାଉଚରା ଆରମ୍ଭ କରିଛି । ସୂଚନା ପାଇ ରାଉରକେଲା ଥାନାର ପୋଲିସ୍ ପକ୍ଷରୁ ଏକ ବଡ଼ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ମୃତ୍ୟୁର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ପୋଷ୍ଟମର୍ଟମ ପାଇଁ ପଠାଇଛି । ଅଧିକାରୀମାନେ ପ୍ରାଥମିକ ତଦନ୍ତ କରି ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିବା ସହିତ ଅଂଚଳକୁ କିଛି ସମୟ ପାଇଁ ଘେରାବନ୍ଦୀ କରାଯାଇଥିଲା । ମୃତଙ୍କ ପରିବାର ସଦସ୍ୟ ଜଟକଳୁ ରାଉରକେଲା ଆସୁଥିବା ଜଣାପଡ଼ିଛି । ସେମାନଙ୍କ ସହଚିଦ୍ୱା ଏବଂ ପୋଷ୍ଟମର୍ଟମ ରିପୋର୍ଟଆସିବା ପରେ ଅଧିକ ବିବରଣୀ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି । ଘଟଣା ସମ୍ପର୍କରେ ପୁଲିସ ଅଧିକାରୀମାନେ ଏ ବିଷୟରେ କହିଛନ୍ତି ଯେ, ଦୁର୍ଘଟଣାଜନିତ ମୃତ୍ୟୁ ସମେତ ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ସାଙ୍ଗ ତଦନ୍ତ ଜାରି ରହିଛି ।

ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷଙ୍କ ଗାନ୍ଧୀ ବାଳାଶ୍ରମ ପରିଦର୍ଶନ

ଭଡ଼ର,୨୧/୨(ନି/ପ୍ର): ଗାନ୍ଧୀ ଓଡ଼ିଶା ବାଳାଶ୍ରମରୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଭଡ଼ରର ଅଧ୍ୟକ୍ଷ ସୁଚୁତ ବିଶ୍ୱାଳ, ବରିଷ୍ଠ ସଦସ୍ୟା ପ୍ରଦୀପ୍ତ କୁମାର କର, ମମତା ରାୟ, ଲଳିତା ସାହୁ ଏବଂ ଡାଟାଏଣ୍ଟ୍ରି ଅପରେଟର ମନୋଜ କୁମାର ସାହୁ ପରିଦର୍ଶନ କରିଛନ୍ତି । ବାଳାଶ୍ରମ ତରଫରୁ ଶିଶୁ ମଙ୍ଗଳ ସମିତିର ସଦସ୍ୟ ଓ ସଦସ୍ୟା ମାନଙ୍କୁ ସ୍ୱାଗତ କରାଯାଇଥିଲା ।

ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତି ଉନ୍ମୋଚନ ଉତ୍ସବ

ରାଉରକେଲା,୨୧/୨(ନି/ପ୍ର): ଓଡ଼ିଶାର ଅଗ୍ରଗଣ୍ୟ ସ୍ୱାଧୀନତା ସେନାନୀ, ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ, ସାହିତ୍ୟିକ ଓ ଜଳି ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଛେଣ୍ଡ ଅଂଚଳର ଚିନ୍ମୟ ବିଦ୍ୟାଳୟ (ଇ ଏମ୍) ସମୀପସ୍ଥ ଆଚାର୍ଯ୍ୟ ହରିହର ଛକରେ ଭବ୍ୟ ଉତ୍ସବ ମାଧ୍ୟମରେ ଉନ୍ମୋଚନ କରାଯାଇଛି । ଏହି ଅବସର ଅଂଚଳବାସୀଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ପରିଗଣିତ ହୋଇଛି । ଏହି ଅବସରରେ ରାଉରକେଲା ବିଧାୟକ ଶାନ୍ତାର ପ୍ରସାଦ ନାୟକ ଉଦଘାଟକ ଭାବେ ପ୍ରତିମୂର୍ତି ଉନ୍ମୋଚନ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଉରକେଲା ମହାନଗର ନିଗମର କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଉପସ୍ଥିତ ଥିଲେ । ସମ୍ମାନିୟ ଅତିଥିମାନଙ୍କ ମଧ୍ୟରେ ରୋଟାରି ଇଣ୍ଟରନ୍ୟାସନାଲର ପୂର୍ବତନ ଜିଲ୍ଲା ରୋଟେରିୟାନ ମଣ୍ଡିତ ସିଂହ ଅରୋରା, ରୋଟାରି କ୍ଲବ ଅଫ୍ ରାଉରକେଲା ଭାଲଡ୍ରା[ର ଅଧ୍ୟକ୍ଷା ଡା. (ପ୍ରଫେସର) ମିନତୀ ପଣ୍ଡା, ଚିନ୍ମୟ ବିଦ୍ୟାଳୟ

(ଇଏମ୍)ର ଅଧ୍ୟକ୍ଷା ଶର୍ମିଷ୍ଠା କଳିଶପଟୀ, ଅଧିବକ୍ତା ସୁଜୟ ପାଣି ଓ ପୂର୍ବତନ ଆରଏସପି ଅଧ୍ୟକ୍ଷା ରଶ୍ମିବାଳା ମିଶ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ଆଚାର୍ଯ୍ୟ ହରିହର ପ୍ରତିମୂର୍ତ୍ତି ସ୍ଥାପନ ସମିତିର ଅଧ୍ୟକ୍ଷ ତଥା ରୋଟେରିୟାନ ଇଞ୍ଜିନିୟର ଅଜିତ ମୋହନ ପୁଜାରୀଙ୍କ ସୁଚାରୁ ପରିଚାଳନାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ସଂଚାଳନା ପାଇଁ ସମାଜସେବୀ ଜୟନ୍ତ କୁମାର ମିଶ୍ର ଓ ହରିହର ଶତପଥୀଙ୍କ ଅବଦାନକୁ ସମସ୍ତେ ପ୍ରଶଂସା କରିଥିଲେ । ଅତିଥିମାନେ ତାଙ୍କର ଉଦବୋଧନରେ ଆଚାର୍ଯ୍ୟ ହରିହର ଦାଶଙ୍କ ସଂସାଧାରଣ ଜୀବନ ଦୃଷ୍ଟିକୋଣ, ସମାଜ ପ୍ରତି ତାଙ୍କର ନିଷ୍କାମ ସେବା ଓ ତ୍ୟାଗକୁ ସ୍ମରଣ କରିଥିଲେ । ତାଙ୍କର ଆଦର୍ଶ ଓ ମୂଲ୍ୟବୋଧ ଆଜିର ଯୁବପିଢ଼ୀଙ୍କୁ ସତ୍ୟ, ନିଷ୍ଠା ଓ ସେବାର ପଥରେ ଅଗ୍ରସର କରିବ ବୋଲି ମତ ପ୍ରକାଶ ପାଇଥିଲା । "ଭଲ ମଣିଷ ହୁଅ" ତାଙ୍କର ସରଳ କିନ୍ତୁ ଗଭୀର ସନ୍ଦେଶ ଆଜି ମଧ୍ୟ ସମାଜ ପାଇଁ ଦୀପ୍ତିମାନ ଚିରସର୍ଚ୍ଚକ ବୋଲି କ୍ଲାମାନେ କହିଥିଲେ । ରୋଟେରିୟାନ ମଣ୍ଡିତ ସିଂହ ଅରୋରା ତାଙ୍କ ଉଦବୋଧନରେ ରୋଟାରି ଇଣ୍ଟରନ୍ୟାସନାଲର ଉଦ୍ଦେଶ୍ୟ, ସେବା ଧାରଣା ଓ ବର୍ତ୍ତମାନ ବର୍ଷର ଥିମ୍ "ଟଗଓଞ୍ଜର ରଜର ଏଡଡଲ" ବିଷୟରେ ବ୍ୟାଖ୍ୟା କରିଥିଲେ । ଡା. ମିନତୀ ପଣ୍ଡା ଆଚାର୍ଯ୍ୟ ହରିହରଙ୍କ ଜୀବନର ଉତ୍କୃଷ୍ଟ ଗୁଣ, ସମାଜ ପାଇଁ ତାଙ୍କର ଅମୂଲ୍ୟ ସେବା ଓ ତ୍ୟାଗକୁ ଉଦ୍ଧାର କରିଥିଲେ । ଅଜିତ ମୋହନ ପୁଜାରୀ ତାଙ୍କ ବକ୍ତବ୍ୟରେ ଆଚାର୍ଯ୍ୟଙ୍କ ଅପରିମିତ ଗୁଣ ଓ ଶିକ୍ଷାକୁ ଆଲୋକିତ କରିଥିଲେ । ଚିନ୍ମୟ ଜଂରାଜୀ ମାଧ୍ୟମ ବିଦ୍ୟାଳୟ ର ଅଧ୍ୟକ୍ଷା ଶର୍ମିଷ୍ଠା କଳି ଶତପଥୀ ପ୍ରତିମୂର୍ତ୍ତି ଓ ତାହାର ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହଭାଗୀତା ନିଶ୍ଚିତ କରିବେ ବୋଲି ଆଶ୍ୱାସନ ଦେଇଥିଲେ । ଏହା ଛାତ୍ରଛାତ୍ରୀମାନଙ୍କ ମନରେ "ସେବା ଉପରେ ସ୍ପର୍ଶ"ର ମୂଲ୍ୟବୋଧ ଜନ୍ମ କରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ବରାଳ, ସୁବାସ ମହାପାତ୍ର, ସଦାଧର ରଥ, କରୁଣାକର ବାରିକ, ଅନିଲ ଦାସ, ସୁଭାଷ ଚନ୍ଦ୍ର ଖୁଣ୍ଟିଆ ,ସୁବୋଧ ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ସାମଲ, ପାତବାସ ପ୍ରଧାନ, ହରେକୃଷ୍ଣ ପାଢ଼ୀ, ସୂର୍ଯ୍ୟନାରାୟଣ ପଣ୍ଡା ଙ୍କ ସମେତ ଅନେକ ସମାଜସେବୀ ଓ ସମ୍ମାନୀୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ଏହା ସହିତ ରୋଟେରିୟାନମାନେ ସର୍ବଶ୍ରୀ ପ୍ରଶାନ୍ତ ରଞ୍ଜନ ପାତ୍ର, ଗଣେଶ୍ୱର ପଟ୍ଟନାୟକ, ଡା. ଙ୍ଗସୁଲ୍ଲ ପତି, ସବିତା ମହାନ୍ତି, ଅଞ୍ଜଳି ହୋତା, ଅନିତା ନାୟକ, ବିଶ୍ୱନାଥ ମହାନ୍ତି, ବିଜୟଲକ୍ଷ୍ମୀ ତ୍ରିପାଠୀ, ଡା. ବନ୍ଦନା ପତି, କାଳଜ ପାଢ଼ୀ, ଡା. କ୍ରିଷ୍ଣା ପ୍ରମାଣିକ ଓ ବସନ୍ତ କୁମାର ଚକ୍ରି ପ୍ରମୁଖ ଯୋଗଦେଇଥିଲେ । ଶେଷରେ ରୋଟେରିୟାନ ଶ୍ରୀ ପୁଜାରୀ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରାୟ ଦୁଇଶତ ଲୋକଙ୍କ ଉପସ୍ଥିତିରେ ଏହି ଉତ୍ସବ ଉତ୍ସାହମୟ ପରିବେଶରେ ସମାପ୍ତ ହୋଇଥିଲା ।

ଆରଏସପିର ମହିଳା କର୍ମଚାରୀଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ପ୍ରୟାସ 'ଦୂର୍ଗା' କାର୍ଯ୍ୟକ୍ରମ ଆୟୋଜିତ

ରାଉରକେଲା,୨୧/୨(ନି/ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଫେବୃଆରୀ ୧୭ ଓ ୧୮ ତାରିଖରେ 'ଦୂର୍ଗା' ନାମକ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏମଏସ ଓ ଏବଆର ଏଲ ଆଣ୍ଡ ବି ବିଭାଗର ସିଜିଏମ୍ ଶ୍ରୀ ପି କେ ସାହୁ ସିପିଟିଆଇ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ଅବସରରେ ଏବଆର ଏଲ ଆଣ୍ଡ ବିଭାଗର ଜିଏମ ଶ୍ରୀ ଏବ ପତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅଧିବେଶନରେ ମହିଳା ଅଧିକାରୀଙ୍କ ସମେତ ସର୍ବମୋଟ ୨୬ ଜଣ ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ସାହୁ ଆତ୍ମସୁରକ୍ଷା କୌଶଳ ଶିକ୍ଷଣର ମହତ୍ୱ ସମ୍ପର୍କରେ ଆଲୋଚନାପାତ କରିଥିଲେ ଏବଂ ଯେକୌଣସି ପରିସ୍ଥିତି ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ସମସ୍ତଙ୍କୁ ଏହି କୌଶଳ ଶିକ୍ଷାଲାଭ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ଉଦ୍‌ଘାଟନୀ ଅଧିବେଶନରେ ବିଭିନ୍ନ ପରିସ୍ଥିତିରେ ଯଥା ବସ ଓ ଅଟୋରେ ଯାତ୍ରା ସମୟରେ, ଅପହରଣ ପ୍ରୟାସ, ପ୍ରତାଃ ଭ୍ରମଣ କାଳୀନ ଅଥବା କାର୍ଯ୍ୟସ୍ଥଳୀରେ କିମ୍ବା କୌଣସି ଅପ୍ରାତିକର ବିଷମ ସ୍ଥିତିରେ ଆତ୍ମସୁରକ୍ଷା ନିମନ୍ତେ ମାର୍ଶାଲ ଆର୍ଟ କୌଶଳ ଶିକ୍ଷା ଆଦି ମୁଖ୍ୟ ଆକର୍ଷଣ ଥିଲା ।

ଗାଙ୍ଗପୁର ମଜଦୁର ମଟଂ ସ୍ୱତନ୍ତ୍ର ହୋଇ କାର୍ଯ୍ୟ କରିବା ସହିତ ଆଗାମୀ ନିର୍ବାଚନ ସ୍ୱତନ୍ତ୍ର ଭାବେ ଲଢିବ : ସାଧାରଣ ସମ୍ପାଦକ ଗୋପାଳ ଦାସ

ରାଉରକେଲା,୨୧/୨(ନି/ପ୍ର): ଇସ୍ପାତ କାରଖାନାର ସ୍ୱୀକୃତିପ୍ରାପ୍ତ ସଂଗଠନ ଆରଏସ୍‌ଏସର ସହଯୋଗୀ ଭାବେ ଦୀର୍ଘ ଦିନ ଧରି ରହିବା ପରେ ଗାଙ୍ଗପୁର ମଜଦୁର ମଟଂ ସ୍ୱତନ୍ତ୍ର ହୋଇ କାର୍ଯ୍ୟ କରିବା ସହିତ ଆଗାମୀ ରାଉରକେଲା ଇସ୍ପାତ କାରଖାନା ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ନିର୍ବାଚନରେ ସ୍ୱତନ୍ତ୍ର ଭାବେ ନିର୍ବାଚନ ଲଢିବା ସହ ନିଜର ପରିଚୟ ସୃଷ୍ଟି କରିବ ବୋଲି ଆଜି ସେଷ୍ଟର-୮ ଗାଙ୍ଗପୁର ମଜଦୁର ମଟଂ ୟୁନିଅନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ମଜଦୁର ମଟଂର ସାଧାରଣ ସମ୍ପାଦକ ଗୋପାଳ ଦାସ । ଗାଙ୍ଗପୁର ମଜଦୁର ମଟଂ ୟୁନିଅନର ସ୍ଥାପନା ଆବିବାରୀ ମୂଳବାସୀ ଏବଂ ବିସ୍ଥାପିତ ଶ୍ରମିକମାନଙ୍କୁ ନେଇ ସ୍ୱର୍ଗତ ଜର୍ଜ ବିର୍ଜାଙ୍କ ବନ୍ଧାବଧାନରେ ଗଠନ କରାଯାଇଥିଲା । ସ୍ୱର୍ଗତ ଜର୍ଜ ବିର୍ଜା ଥିଲେ ଏହି ୟୁନିଅନର ପଥ ପ୍ରଦର୍ଶକ ଓ ଦିଗଦର୍ଶକ । ଗାଙ୍ଗପୁର ମଜଦୁର ମଟଂର ଗଠନ ହେବା ପରଠାରୁ ଏହି ୟୁନିଅନ ସ୍ୱତନ୍ତ୍ର ଭାବରେ ଶ୍ରମିକମାନଙ୍କ ହିତରେ କାର୍ଯ୍ୟ କରିଆସୁଛି । ଗାଙ୍ଗପୁର ମଜଦୁର ମଟଂ ପ୍ରଥମ ଦୁଇଥର ରାଉରକେଲା ଇସ୍ପାତ କାରଖାନାର ସ୍ୱୀକୃତିପ୍ରାପ୍ତ ୟୁନିଅନ ନିର୍ବାଚନରେ ଭାଗ ନେଇ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ହାସଲ କରିପାରିଥିଲା । ଯାହା ପ୍ରମାଣିତ କରିଛି ଯେ, ରାଉରକେଲା ଇସ୍ପାତ କାରଖାନାର ଶ୍ରମିକମାନେ ଗାଙ୍ଗପୁର ମଜଦୁର ମଟଂ ଉପରେ କେତେ ଆସା ଏବଂ ଭରସା କରୁଥିଲେ ଏବଂ କରୁଛନ୍ତି ମଧ୍ୟଯ । ସେହି ପ୍ରଥମ ଦୁଇ ନିର୍ବାଚନରେ ଜଓଜଜଝ (ଇଗଝ) ଜିତିଥିଲା ଏବଂ ସ୍ୱୀକୃତି ପ୍ରାପ୍ତ ୟୁନିଅନ ହିସାବରେ କାର୍ଯ୍ୟ କରିଥିଲା । କିନ୍ତୁ ପରବର୍ତୀ ସମୟରେ ଜଓଜଜଝ (ଇଗଝ)ର ଶ୍ରମିକ ବିରୋଧୀ ନୀତି ପାଇଁ ଅତିଷ୍ଠ ହୋଇ ଏବଂ ଶ୍ରମିକ ହିତକୁ ଆଖି ଆଗରେ ରଖି ଗତ ଦୁଇଟି ସ୍ୱୀକୃତିପ୍ରାପ୍ତ ୟୁନିଅନ ନିର୍ବାଚନରେ ଗାଙ୍ଗପୁର ମଜଦୁର ମଟଂ, ରାଉରକେଲା ଶ୍ରମିକ ସଂଘ ସହିତ ଏକ ସନ୍ଧି(ବକ୍ଷଷସବଭଲମ) କରିଥିଲା ଏବଂ ନିର୍ବାଚନ ଲଢିଥିଲା । ଯାହାର ଫଳ ସ୍ୱରୂପ ଗତ ଦୁଇଟି ନିର୍ବାଚନରେ ଗାଙ୍ଗପୁର ମଜଦୁର ମଟଂ ଏବଂ ରାଉରକେଲା ଶ୍ରମିକ ସଂଘ ସନ୍ଧି (ଇକ୍ଷ-କ୍ଷସବଭମ) ୟୁନିଅନ ନିର୍ବାଚନରେ ବିଜୟ ଲାଭ କରିଥିଲା । ଏହି ସ